


ହେରା ପଞ୍ଚମୀ ଅବସରରେ ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଜଗନ୍ନାଥଙ୍କ ନୃସିଂହ ବେଶ । କଲ୍ୟାଣସିଂହପୁରରେ ଜଗନ୍ନାଥଙ୍କ ନୃସିଂହ ଅବତାର ବେଶ ।



ଗୁଣପୁର ସାନ ଗୁଣ୍ଡିଚା ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ନୃସିଂହ ଅବତାର ବେଶ ।



ବିଷମକଟକରେ ବାମନ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ଶ୍ରୀଜୀଉ ।

## ସଂକ୍ଷେପରେ

### ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ହେରା ପଞ୍ଚମୀ

ରାୟଗଡ଼ା,୨୪।୬ (ଭାଗ୍ୟଶ୍ରୀ ମିଶ୍ର) - ରାୟଗଡ଼ା ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ଶନିବାର ହେରା ପଞ୍ଚମୀ ପାଳିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ୩ ଠାକୁରଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ପରେ ନୃସିଂହ ଅବତାରରେ ଜଗନ୍ନାଥ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଠାକୁରଙ୍କ ନୃସିଂହ ଅବତାର ଦେଖିବାକୁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଆସନ୍ତା ବୁଧବାର ବାହୁଡାଯାତ୍ରା ଅନୁଷ୍ଠିତ ହେବ। ଜଗନ୍ନାଥ ମହାପ୍ରଭୁ ଶ୍ରଦ୍ଧା ଶ୍ରୀକ୍ଷେତ୍ରକୁ ବାହୁଡ଼ିବେ ବୋଲି ମନ୍ଦିର କମିଟି ପକ୍ଷରୁ କୁହାଯାଇଛି।

### ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ, ସ୍ୱାମୀ ଗିରଫ

ଗୋପାଳପୁର,୨୪।୬(ନବୀନ ରାଜ୍ ଆଚାରୀ)-ସ୍ତ୍ରୀଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଗୋଳନ୍ଥରା ଥାନା ପୋଲିସ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ସନ୍ତୋଷ କୁମାର ସାମଲ (୩୮) ବୋଲି ପୋଲିସ ସୂଚନା ଦେଇଛି। ସୂଚନାନୁସାରେ ଏହି ଥାନା ଅଧିନସ୍ଥ ସୁନିତା ଜେନା କୋଳଥିଗାଁରେ ରହୁଥିବା ବେଳେ ଶନିବାର ପୂର୍ବାହ୍ନରେ ନିଜ ଭଉଣୀଙ୍କ ଘରକୁ ଆସିଥିଲେ। ଏହି ସମୟରେ ତାଙ୍କ ସ୍ୱାମୀ ସନ୍ତୋଷ ଦଶପଲ୍ଲା ଥାନାରେ ଥିବା ମାମଲାଟିକୁ ପ୍ରତ୍ୟାହାର କରିବାକୁ ସ୍ତ୍ରୀଙ୍କୁ ବାଧ କରିଥିଲେ। ଏନେଇ ଉଭୟଙ୍କ ମଧ୍ୟରେ ବଚସା ହେବା ପରେ ସନ୍ତୋଷ ଅସଭ୍ଯ ଭାଷାରେ ଗାଳିଗୁଲଜ କରିବା ସହ ଟଣାଓଟରା କରି ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ସୁନିତା ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ଥାନା କେଶ ନଂ ୨୮୩/୨୩ ପ୍ରକାରେ ହତ୍ୟା ଉଦ୍ୟମ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

### ଡାଲା ଗାଡ଼ି ଧକ୍କାରେ ଜଣେ ମୃତ

ଫୁଲବାଣୀ, ୨୪।୬(ରାକେଶ ରାଉତ)- ଫିରିଙ୍ଗିଆ ବ୍ଲକ ସାଡିଙ୍ଗିଆ ପଞ୍ଚାୟତ ସାଡିଙ୍ଗିଆ ପାଣି ପମ୍ପ ନିକଟ ବୁଲାଣି ରାସ୍ତାରେ ଏକ ଡାଲା ଗାଡି ଧକାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି । ମୃତ ଯୁବକ ହେଲେ ସାଡିଙ୍ଗିଆ ଗାଁର ଜୋତି କହଁର। ଶୁକ୍ରବାର ବିଳମ୍ବିତ ରାତିରେ ୩ ଜଣ ଯୁବକ ସାଡିଙ୍ଗିଆ ନିକଟ ଲେଣ୍ଡ୍ରି ଗାଁରେ ଚାଲିଥିବା ବରାଳଦେବୀ ଯାତ୍ରା ଦେଖିବାକୁ ଆସି ଗାଁକୁ ଚାଲି ଚାଲି ଫେରୁଥିଲେ। ସାଡିଙ୍ଗିଆ ନିକଟ ବୁଲାଣି ରାସ୍ତାରେ ସେମାନଙ୍କୁ ପଛ ପଟୁ ଏକ ଡାଲା ଗାଡି ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଜୋତିଙ୍କର ମୃତ୍ୟୁ ହୋଇଥିଲା । ସ୍ଥାନୀୟ ଲୋକେଙ୍କଠାରୁ ଖବର ପାଇ ଆମ୍ବୁଲାନ୍ସ କର୍ମଚାରୀ ସେଠାରେ ପହଞ୍ଚି ଅନ୍ୟ ଦୁଇ ଜଣଙ୍କୁ ମେଡିକାଲ ଆଣିଥିଲେ । ମୃତ ଜୋତିଙ୍କ ପିତା ଲିଜୁରାଙ୍କ ଅଭିଯୋଗ କ୍ରମେ ଥାନାରେ ନଂ.୧୦୩/୨୩ ରେ ଏକ ମାମଲା ରୁଜୁ ହୋଇଛି । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଦୁର୍ଘଟଣା ଘଟାଇଥିବା ଡ୍ରାଇଭର ଫେରାର ଅଛନ୍ତି।

# ୪୮ ହଜାର ହେକ୍ଟରରେ କପାଚାଷ ଲକ୍ଷ୍ୟ

- ଜିଲାରେ ମୌସୁମୀ ବର୍ଷା, ଚାଷୀ ଆଶ୍ୱସ୍ତ
- ଆରମ୍ଭହେଲା ଚାଷକାମ
- ୧,୮୨,୬୪୦ ହେକ୍ଟରରେ ବିଭିନ୍ନ ପ୍ରକାର ଚାଷ ପାଇଁ ଲକ୍ଷ୍ୟ

ରାୟଗଡ଼ା,୨୪।୬(ଆଶିଷ ରଞ୍ଜନ ପଣ୍ଡା)

ଆସିଲା ମୌସୁମୀ । ଆରମ୍ଭ ହେଲା ଚାଷକାମ । ତେବେ ଆଷାଢ଼ ମାସ ଆରମ୍ଭ ହୋଇ ୨୨ଦିନ ବିତିଯାଇଥିଲେ ମଧ୍ୟ ଜିଲାରେ ଆବଶ୍ୟକ ପରିମାଣର ବର୍ଷା ହୋଇ ନ ଥିବାରୁ ଚାଷକାର୍ଯ୍ୟରେ ବିଳମ୍ବ ଦେଖାଦେଇଛି। ଜିଲାରେ ୨୦୦ ମି.ଲି. ମିଟର ବର୍ଷାର ଆବଶ୍ୟକତା ଥିବା ବେଳେ ଚଳିତ ବର୍ଷ ଜୁନ୍ ୧ରୁ ୨୦ ସୁଦ୍ଧା ୨୧.୩ ମି.ମି. ବର୍ଷା ହୋଇଛି, ଯାହା ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଥିଲା। ଜୁନ୍ ଶେଷ ସୁଦ୍ଧା ବର୍ଷା ନ ହେଲେ ଆଉ ବିହନ ପଡ଼ିପାରିବ ନାହିଁ ବୋଲି ଚାଷୀମାନେ କହିଥିଲେ। ହେଲେ ଶନିବାରଠାରୁ ମୌସୁମୀ ପ୍ରଭାବରୁ ଜିଲାରେ ବର୍ଷା ହୋଇଥିବାରୁ ଚାଷୀ ବିହନ ବୁଣି ତଳି ପକାଇବା ଆରମ୍ଭ କରିଛି।

କୃଷି ବିଭାଗ ସୂଚନା ଅନୁସାରେ, ସମଗ୍ର ରାୟଗଡ଼ା ଜିଲାରେ ଚଳିତ ବର୍ଷ ୧ଲକ୍ଷ ୮୨ ହଜାର ୬୪୦ ହେକ୍ଟର ଜମିରେ ବିଭିନ୍ନ ପ୍ରକାର ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି। ସେଥିମଧ୍ୟରୁ ୪୭ ହଜାର ହେକ୍ଟର ଜମିରେ ଧାନ, ୪୮ ହଜାର ହେକ୍ଟରରେ କପା, ୨୧ ହଜାର ହେକ୍ଟରରେ ମାଣ୍ଡିଆ, ୧୪ ହଜାର ହେକ୍ଟରରେ ମକା, ୧୨ ହଜାର ହେକ୍ଟରରେ ହରଡ଼, ୧୪ ହଜାର ହେକ୍ଟରରେ ପରିବା ଚାଷର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜିଲାର ଅଧିକାଂଶ ଜମିରେ ଧାନ ଓ କପାଚାଷ ହୋଇଥାଏ। ରାୟଗଡ଼ା ଏକ ପାହାଡ଼ିଆ ଜିଲା ହୋଇଥିବା କାରଣରୁ ଏଠାକାର ଜମିରେ ଚାଷୀମାନେ ୧୨୦ ଦିନିଆ ଧାନ ଚାଷ କରିଥାନ୍ତି । ମୁଖ୍ୟତଃ ୧୦୦୧, ୧୦୧୦ ଓ ଆର୍ଯ୍ୟାଲୁ କିସମ ଧାନ ସର୍ବାଧିକ ଚାଷ ହୋଇଥାଏ । ଏହି ଧାନ ବିହନ ବୁଣିବା ପାଇଁ ଉପଯୁକ୍ତ ସମୟ ହେଉଛି ଜୁନ୍ ମାସର ପ୍ରଥମ ସପ୍ତାହ। ଜୁନ୍ ଶେଷ ସପ୍ତାହରେ ତଳି ରୁଆ କାର୍ଯ୍ୟ ହୋଇଥାଏ। ତେବେ ୪୭ ହଜାର ହେକ୍ଟର ଜମି ପାଇଁ ୪୭୦୦ ରୁ ୪୯୦୦ ହେକ୍ଟର ଜମିରେ ବିହନ ବୁଣାଯିବା ନିୟମ ରହିଛି। କିନ୍ତୁ ବର୍ଷା ଅଭାବରୁ ଗତ ସପ୍ତାହରେ ମାତ୍ର ୧୦୨ ହେକ୍ଟର ଜମିରେ ହିଁ ବିହନ ବୁଣାଯାଇଥିବା ଜଣାପଡ଼ିଛି । ଗତ ୨୦ ତାରିଖ ପର୍ଯ୍ୟନ୍ତ ଜିଲାରେ କୌଣସି ଗୋଟିଏ ସ୍ଥାନରେ ମଧ୍ୟ ଚାଷୀ ମୁଠାଏ ମଧ୍ୟ ବିହନ ବୁଣି ନ ଥିବା ସୂଚନା ମିଳିଛି। ୨୦୧୫ ରେ ବର୍ଷା ଅଭାବରୁ ଜିଲାରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା। ଚଳିତ ବର୍ଷ ମଧ୍ୟ ସେହିଭଳି ଆଶଙ୍କା ବ୍ୟକ୍ତ କରିଛନ୍ତି ଚାଷୀ । ଶନିବାରଠାରୁ ବର୍ଷା ଆରମ୍ଭ ହୋଇଥିବାରୁ ଚାଷୀମାନେ ବିହନ ବୁଣିବା ଆରମ୍ଭ କରିଥିଲେ ମଧ୍ୟ କାଶୀପୁର, ଚନ୍ଦ୍ରପୁର ଓ ଗୁଡ଼ାରି ବ୍ଲକର ଅବସ୍ଥା ଅତି ସଙ୍ଗିନ। ଏହି ୩ ବ୍ଲକରେ ଚଳିତ ମାସରେ ଟୋପାଏ ମଧ୍ୟ ବର୍ଷା ହୋଇନାହିଁ। ଶୂନ ମି.ମି. ବର୍ଷା ରେକର୍ଡ କରିଛି କୃଷି ବିଭାଗ। ରାୟଗଡ଼ା ଜିଲାର ଭାତହାଣ୍ଡି ଭାବେ ପରିଚିତ ପଦ୍ମପୁର ବ୍ଲକରେ ମଧ୍ୟ ଆବଶ୍ୟକ ବର୍ଷା ହୋଇନାହିଁ । ଏହାପରେ ରାମନାଗୁଡ଼ା, ରାୟଗଡ଼ା ଓ ବିଷମକଟକ ବ୍ଲକର ଚାଷ ଉପରେ ସମଗ୍ର ଜିଲା ନିର୍ଭର କରିଥାଏ। ହେଲେ ବୈଶାଖ ମାସ ଅକ୍ଷୟ ତୃତୀୟାରେ ଅଖିମୁଠି ଅନୁକୂଳ କରି ଗତ ୨ ମାସ ହେବ ବର୍ଷାକୁ ଚାହିଁ ରହିଥିଲେ ଚାଷୀ। ଜିଲାରେ ଜଳସେଚନ ବ୍ୟବସ୍ଥା ବିପର୍ଯ୍ୟସ୍ତ। ଭାତହାଣ୍ଡି ବ୍ଲକ ଭାବେ ପରିଚିତ ପଦ୍ମପୁରସ୍ଥିତ ଜିଲାର ସର୍ବବୃହତ୍ ଜଳଭଣ୍ଡାର ବଡ଼ନାଳ ଅବସ୍ଥା ମଧ୍ୟ ସାଂଘାତିକ। ଜୁନ୍ ୮ରେ ୫-ଟି ସଚିବଙ୍କ ଗସ୍ତ ସମୟରେ ବଡ଼ନାଳ ରହିଥିବା ଅଞ୍ଚଳର ଚାଷୀମାନେ ଅଭିଯୋଗ କରିବାର ୨ ସପ୍ତାହ ବିତିଯାଇଥିଲେ ମଧ୍ୟ ବଡ଼ନାଳ ଅବସ୍ଥାରେ କୌଣସି ସୁଧାର ଆସିନାହିଁ । ରାୟଗଡ଼ା ବ୍ଲକ ସ୍ଥିତ ସିଲଟିଗୁଡ଼ା ଜଳଭଣ୍ଡାରରେ ମଧ୍ୟ ସେହି ସମାନ ଅବସ୍ଥା। ଏହି ଜଳଭଣ୍ଡାର ପାଣି ଜମିକୁ ମାଡ଼େ ନାହିଁ, ଆଉ ଚେକ୍‌ଡ୍ୟାମ୍ ତ ଜିଲା ପାଇଁ ସ୍ୱପ୍ନ ପାଲଟିଛି । ବର୍ଷା ଅଭାବ ସାଙ୍ଗକୁ ଜଳ ସଂରକ୍ଷଣ ପାଇଁ କୌଣସି ପଦକ୍ଷେପ ଜିଲାରେ ନିଆଯାଉ ନ ଥିବାରୁ ଭୂତଳ ଜଳ ମଧ୍ୟ କମିବାରେ ଲାଗିଲାଣି । ଫଳରେ ବୋର୍‌ୱେଲ ଖନନ ପରେ ବି ପାଣି ବାହାରୁ ନ ଥିବା ଅଭିଯୋଗ ହେଉଛି। ଚାଷୀ ଏଭଳି ଚିନ୍ତାରେ ରହିଥିବା ବେଳେ ମୌସୁମୀ ବର୍ଷା କିଛିଟା ଆଶ୍ୱସ୍ତି ଦେଇଛି । ତେବେ ଆବଶ୍ୟକ ପରିମାଣର ବର୍ଷା ନ ହେଲେ ବିହନ ବୁଣିଲେ ମଧ୍ୟ କିଛି ଲାଭ ହେବ ନାହିଁ ବୋଲି ଚାଷୀମାନେ କହିଛନ୍ତି । ତେଣୁ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଜଳସେଚନର ବ୍ୟବସ୍ଥା କରିବାକୁ ଚାଷୀ ମହଲରେ ଦାବି ଜୋର ଧରିଛି ।



ଶନିବାର ବର୍ଷା ପରେ ଥେରୁବାଲି ନିକଟସ୍ଥ ରାସ୍ତାକଡ଼ ଜମିରେ ଧାନ ବିହନ ବୁଣୁଛନ୍ତି ଜଣେ ଚାଷୀ ।

# 'ଜିଲାରେ ଶୀତଳ ଭଣ୍ଡାର ସ୍ୱପ୍ନ'

- ଜିଲା କଂଗ୍ରେସ କିଷାନ ସେଲ୍‌ର ଚିଠା ପ୍ରସ୍ତୁତ ବୈଠକ
- ରାଜ୍ୟ, କେନ୍ଦ୍ର ସରକାରଙ୍କ ଚାଷୀ ମାରଣନୀତି କରୁଥିବା ଅଭିଯୋଗ

ନବରଙ୍ଗପୁର,୨୪।୬(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ନବରଙ୍ଗପୁର ଜିଲା କଂଗ୍ରେସ କିଷାନ ସେଲର ଚିଠା ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ରାଜ୍ୟ କିଷାନ କଂଗ୍ରେସ ସଭାପତି ଅମୀୟ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବତନ ବିଧାୟକ ତଥା ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ଭୁଜବଳ ମାଝି ଓ ନବରଙ୍ଗପୁର ଜିଲା କଂଗ୍ରେସ କମିଟିର ସଭାପତି ମୁନ୍ନା ତ୍ରିପାଠୀ ଯୋଗଦେଇଥିଲେ। ଜିଲା କୃଷକ ସେଲ ସଭାପତି ବୃନ୍ଦାବନ ତ୍ରିପାଠୀ ସଭାରେ ଅଧକ୍ଷତା କରିଥିଲେ। ନବରଙ୍ଗପୁର ଜିଲାର ଧାନ, ଆଖୁ, ମକା, ବିରି, ପନିପରିବା, ଫୁଲ, ଛତୁ ଓ କୁକୁଡ଼ା ଛେଳି ଚାଷର ମୋଟ ୬୫ ଜଣ ମହିଳା ଓ ପୁରୁଷ ଚାଷୀ ଏହି ପ୍ରସ୍ତାବିତ ଚିଠା ଅନୁମୋଦନ ବୈଠକରେ ଯୋଗଦେଇଥିଲେ।

ରାଜ୍ୟ ବିଜେଡି ଓ କେନ୍ଦ୍ର ଭାଜପା ସରକାରୀ ଚାଷୀ ମାରଣ ନୀତି ଉପରେ ଆଲୋଚନା କରିଥିଲେ। ଜିଲାରେ ଶୀତଳ ଭଣ୍ଡାର, ମକା ଓ ଚିନି କାରଖାନା ସ୍ୱପ୍ନ। ମାଣ୍ଡିଆ ମଣ୍ଡିର ମିଥ୍ୟା ପ୍ରତିଶ୍ରୁତି ସରକାରଙ୍କ ଚାଷୀ ବିରୋଧୀ ନୀତି ବୋଲି ଚାଷୀମାନେ କହିଛନ୍ତି। ଚାଷୀ କିଭଳି ଦୁଇ ଗୁଣ ସୁଧରେ ଋଣ ଆଣି ସର୍ବସ୍ୱାନ୍ତ ହେଉଛନ୍ତି ସେ ନେଇ ଜେମା ଭତରା କହିଥିଲେ। ଶୀତଳ ଭଣ୍ଡାର, ଛତିଶଗଡ଼ ଢାଞ୍ଚାରେ ପନିପରିବା ବଜାର କରିବାକୁ ଚାଷୀ ସନରାଜ ଗଣ୍ଡ, ଦିବାକର ପୂଜାରୀ ଓ ଅମେଲା ମଣ୍ଡଳ କହିଛନ୍ତି। କୋଷାଗୁମୁଡ଼ା ଲକ୍ଷ୍ମୀଧର ନାୟକ ଛତିଶଗଡ଼ ଦରରେ ଧାନ କିଣିବା କଥା ଓ ସେମାନଙ୍କ ଲ୍ୟାମ୍ପ୍‌ସ ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଚାଷୀମାନଙ୍କୁ ପାଣି ଯୋଗାଇଦେବା ପାଇଁ ପ୍ରକାଶ ସାମନ୍ତରାୟ ସରକାରଙ୍କ ପାଖରେ ଦାବି ରଖିଥିଲେ। ଆସନ୍ତା ନିର୍ବାଚନ ପୂର୍ବରୁ ନବରଙ୍ଗପୁରରେ ଚାଷୀ ମହା ପଞ୍ଚାୟତ ଅନୁଷ୍ଠିତ ହେବ ବୋଲି ଅମୀୟ ପଟ୍ଟନାୟକ ପ୍ରସ୍ତାବ ରଖିଥିଲେ। ନିର୍ବାଚନ ପୂର୍ବରୁ ଚାଷୀ ଇସ୍ତାହାର ପ୍ରକାଶ ପାଇବ ବୋଲି ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଭାପତି ମୁନ୍ନା ତ୍ରିପାଠୀ ଓ ଭୁଜବଳ ମାଝି, ଏଆଇସିସି ସଭ୍ୟା ମନଷା ତ୍ରିପାଠୀ, ନବରଙ୍ଗପୁର ବ୍ଲକ କଂଗ୍ରେସ ସଭାପତି ଅବଦୁଲ ଫିରୋଜ, ନଗର ଯୁବ କଂଗ୍ରେସ ସଭାପତି ସୁରଜ ଲାଲ, ମଣ୍ଡଳ ସଭାପତି ନବଜୀବନ ମନ୍ଦାର ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ରାଜ୍ୟ କିଷାନ କଂଗ୍ରେସ ସଭାପତି ଓ ଅନ୍ୟମାନେ।

# ୨୧ କେଜି ଗଞ୍ଜେଇ ଜବତ, ୨ ମହିଳା ଗିରଫ

ମୁନିଗୁଡ଼ା,୨୪।୬ (ରାଧେଶ୍ୟାମ ଅଗ୍ରୱାଲ)

ଦିବ୍ୟାଙ୍ଗଙ୍କ ସହାୟତାରେ ଟ୍ରେନ୍ ଯୋଗେ ମୁନିଗୁଡ଼ାରୁ ମହାରାଷ୍ଟ୍ର ଗଞ୍ଜେଇ ଚୋରାଚାଲାଣ ବେଳେ ପୋଲିସ ୨ ଜଣ ମହିଳାଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ପୋଲିସ ୨ଟି ବ୍ୟାଗ୍‌ରେ ଥିବା ୨୧କେଜି ଗଞ୍ଜେଇ ଜବତ କରିଛି। ଗିରଫ ମହିଳା ଦ୍ୱୟ ହେଲେ ମହାରାଷ୍ଟ୍ର ପୁଣେ ଅଞ୍ଚଳର ରୋହିଣୀ ଲକ୍ଷ୍ମଣ କାଲି ଓ ଅହମ୍ମଦନଗର ଜିଲା ଜମେଖେଣ୍ଡ ଗାଁର କୌଶଲ୍ୟା ଚନ୍ଦ୍ରକାନ୍ତ ପାୱାର। ଜବତ ଗଞ୍ଜେଇର ଅନୁମାନିକ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି କୁହାଯାଇଛି।

ମୁନିଗୁଡ଼ାରୁ ମହାରାଷ୍ଟ୍ରକୁ ଗଞ୍ଜେଇ ଚାଲାଣ ହେଉଥିବା ବିଶେଷ ସୂତ୍ରରୁ ଖବରପାଇ ଏସ୍‌ଡିପିଓ ଆକାଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶକ୍ରମେ ମୁନିଗୁଡ଼ା ପୋଲିସ ରେଳବାଇ ଅଟୋଷ୍ଟାଣ୍ଡ ନିକଟରେ ୨ ମହିଳାଙ୍କୁ ଅଟକାଇଥିଲା। ତାଙ୍କ ୨ଟି ବ୍ୟାଗ୍ ଯାଞ୍ଚ କରିବା ପରେ ସେଥିରୁ ଗଞ୍ଜେଇ ମିଳିଥିଲା। ଗିରଫ ୨ ମହିଳାଙ୍କ ମଧ୍ୟରୁ ଜଣେ ଦିବ୍ୟାଙ୍ଗ ହୋଇଥିବା ବେଳେ ଅନ୍ୟ ଜଣେ ତାଙ୍କ ସହାୟିକା। ମହିଳା ଜଣକ ଦିବ୍ୟାଙ୍ଗ ହୋଇଥିବାରୁ ସେମାନେ ଟ୍ରେନ୍‌ର ଦିବ୍ୟାଙ୍ଗ ବଗିରେ ଚଢ଼ି ଯାଉଥିଲେ। ଫଳରେ ସେମାନଙ୍କୁ କେହି କେବେ ତନଖି କରୁ ନ ଥିବାରୁ ଦୀର୍ଘଦିନ ହେବ ସେମାନେ ଗଞ୍ଜେଇ ଚୋରାଚାଲାଣରେ ଲିପ୍ତଥିବା ପୋଲିସ କହିଛି। ପୋଲିସ ଏକ ମାମଲା ରୁଜୁକରି ୨ ମହିଳାଙ୍କୁ ଶନିବାର କୋର୍ଟ ଚାଲାଣ କରିଛି । ଏହି ଚଢ଼ାଉ ବେଳେ ଏସ୍‌ଆଇ ନରସିଂହ ବେହେରା, ଏଏସ୍‌ଆଇ ଉତ୍କଳ ବିଜୟ ମହାନ୍ତି, ପ୍ରବିତା ମଣ୍ଡଳ, ସ୍ୱର୍ଣ୍ଣଲତା ଗମାଙ୍ଗ, ଏସ୍. ଏନ୍. ଦଣ୍ଡସେନା ଓ ଆନନ୍ଦ ମେଲେକା ପ୍ରମୁଖ ସାମିଲ ଥିଲେ ।

### ଦିବ୍ୟାଙ୍ଗଙ୍କ ସହାୟତାରେ ଗଞ୍ଜେଇ ଚାଲାଣ



ଜବତ ଗଞ୍ଜେଇ ସହ ଗିରଫ ୨ ମହିଳା ଓ ପୋଲିସ ଅଧିକାରୀ।

# ସୁନା ଅଳଙ୍କାର ଫେରାଇଲା ପୋଲିସ

ସୋରଡ଼ା,୨୪।୬ (ଲମ୍ବୋଦର ପାଣିଗ୍ରାହୀ)

ବ୍ୟାଗ୍ କିଣିବା ନାଁରେ ଲୁଟ୍ କରୁଥିବା ଲଟେରାମାନଙ୍କୁ ସୋରଡ଼ା ପୋଲିସ ୧୪ ଦିନରେ ଗିରଫ ସହ ଲୁଟ ସୁନା ଓ ଟଙ୍କା ଜବତ କରିଛି। ଲୁଟର ଶିକାର ହୋଇଥିବା ସ୍ଥାନୀୟ ବଡ଼ଦାଣ୍ଡର ବ୍ୟବସାୟୀ ଦୀନବନ୍ଧୁ ଚୌଧୁରୀଙ୍କ ଘରକୁ ଯାଇ ଶନିବାର ୨୨ ଭରି ସୁନା ଅଳଙ୍କାର, ନଗଦ ୨,୮୯,୦୦୦, ୨ ମୋବାଇଲକୁ ସର୍ବସାଧାରଣଙ୍କ ଉପସ୍ଥିତିରେ ପୋଲିସ ଦେଇଛି। ଗତ ୧୧ ତାରିଖରେ ବ୍ୟାଗ୍ କିଣିବା ବାହାନାରେ ଦୀନବନ୍ଧୁଙ୍କ ଦୋକାନରେ ପଶି ଖାରିଗୁଡ଼ା ଗ୍ରାମର ସୁଧାଂଶୁ କୁମାର ଗଉଡ଼, ସନାତନ ଗଉଡ଼, ଉମା ଗଉଡ଼ ବନ୍ଧୁକ ଦେଖାଇ ଲୁଟିଥିଲେ। ପୋଲିସ ଦୀନବନ୍ଧୁଙ୍କ ଏତଲାକୁ ଭିତ୍ତିକରି ନଂ. ୨୬୫/୨୩ରେ ମାମଲା ରୁଜୁକରି ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଯାଞ୍ଚ କରି ୪ ଦିନରେ ସେମାନଙ୍କୁ ଧରି କୋର୍ଟ ଚାଲାଣ କରିଥିଲା। ଯୁବକମାନେ ନିଜ ବ୍ୟାଙ୍କ ଖାତାରେ ୨୭,୦୦୦ ଟଙ୍କା ଜମା କରିଥିଲେ। ଶୁକ୍ରବାର ସେମାନଙ୍କୁ ରିମାଣ୍ଡରେ ଆଣି ବ୍ୟାଙ୍କରୁ ଅର୍ଥ ଉଠାଯାଇଥିଲା। ଶନିବାର ସମସ୍ତ ଜିନିଷ ଫେରାଯାଇଛି। ଲୁଟ ଜିନିଷ, ଅର୍ଥ ପାଇ ଦୀନବନ୍ଧୁ ପୋଲିସର କାର୍ଯ୍ୟଦକ୍ଷତାକୁ ପ୍ରଶଂସା କରିଛନ୍ତି। ଏହି ଘଟଣାରେ ପୋଲିସ ନଂ.୨୧୧/୨୩ରେ ମାମଲା ରୁଜୁ କରିଥିଲା।

# ଆଦର୍ଶ ବିଦ୍ୟାଳୟ ଛାତ୍ରାବାସର ଭିତ୍ତିପ୍ରସ୍ତର ସ୍ଥାପନ

ମୁନିଗୁଡ଼ା, ୨୪।୬ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଜାମରାଗୁଡ଼ା ଠାରେ ଅବସ୍ଥାପିତ ଆଦର୍ଶ ବିଦ୍ୟାଳୟ ଛାତ୍ରାବାସର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଅପରାହ୍ଣ ୫ଟା ୩୦ ମିନିଟରେ ଭୁବନେଶ୍ୱରରୁ ୱେବନାର ମାଧ୍ୟମରେ ଶୁଭ ଦେଇଛନ୍ତି। ଉଦଘାଟନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଶିକ୍ଷାମନ୍ତ୍ରୀ ସୁଦାମ ମାରାଣ୍ଡି, ୫-ଟି ସଚିବ ଭି.କେ.ପାଣ୍ଡିଆନ, ଶିକ୍ଷା ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

ମୁନିଗୁଡ଼ା ଓଡିଶା ଆଦର୍ଶ ବିଦ୍ୟାଳୟ ପରିବାର ତରଫରୁ ଏକ ବୈଠକରେ ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ, ସଚିବ ଏବଂ ୫-ଟି ସଚିବଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏଥିସହିତ ଆଦର୍ଶ ବିଦ୍ୟାଳୟରେ ଚଳିତ ବର୍ଷ ଷଷ୍ଠ ଶ୍ରେଣୀରେ ନାମ ଲେଖାଇଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ, ଅଧ୍ୟାପିକା, ଅଧ୍ୟାପକଙ୍କୁ ନେଇ ଏକ ବୈଠକ ଅଧକ୍ଷା ମିଲି ଷଣ୍ଢଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଅଧକ୍ଷା ଷଣ୍ଢ ବିଦ୍ୟାଳୟ ପରିସର ଉନ୍ନତି, ସ୍ୱଚ୍ଛତା, ବିଦ୍ୟାଦାନରେ ଶିକ୍ଷକମାନଙ୍କ ଆନ୍ତରିକତା ଏବଂ ବିଗତ ବର୍ଷରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସଫଳ କୃତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ବିଦ୍ୟାଳୟର ନୀତି ନିୟମ ଯେପରି ଅକ୍ଷୁର୍ଣ୍ଣ ରହେ ସେ ଦିଗରେ ଯତ୍ନବାନ ହେବାକୁ ସଭିଙ୍କୁ ଅନୁରୋଧ କରିଥିଲେ।



ଆଦର୍ଶ ବିଦ୍ୟାଳୟ ଛାତ୍ରାବାସର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀ।

# ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଡାକ୍ତର ନିଯୁକ୍ତ

ମୁନିଗୁଡ଼ା, ୨୪।୬ (ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଜଣ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଇଛି। ଡା. ଅନୀଲ କୁମାର ବେହେରା ଓ ଡା. ଆଲେଖ୍ୟ ଗାଁଟେଡା ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ପାଇଥିବାବେଳେ କୁମୁଡ଼ାବାଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ସୁଭ୍ରାଂଶୁ ଶେଖର ବୋଇତିଙ୍କୁ ନିଯୁକ୍ତି ଦିଆଯାଇଛି। ୨ ଡାକ୍ତରଙ୍କ ନିଯୁକ୍ତି ପରେ ମୁନିଗୁଡ଼ା ଅଞ୍ଚଳରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ହେବ ବୋଲି କୁହାଯାଉଛି। ରାଜ୍ୟ ସରକାର ରାୟଗଡ଼ା ଜିଲାରେ ୩୨ଜଣ ଡାକ୍ତରଙ୍କୁ ନିଯୁକ୍ତ ଦେଇଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସେମାନଙ୍କୁ ଜିଲାରେ ଡାକ୍ତର ଆବଶ୍ୟକ ଥିବା ବିଭିନ୍ନ ମେଡିକାଲରେ ନିଯୁକ୍ତି ଦେଇଛନ୍ତି।


### ମାଙ୍ଗୋଇ ଗମାଙ୍ଗ ଥିଲେ ବିରଳ ବ୍ୟକ୍ତିତ୍ୱ

# ଅକ୍ଷର ବ୍ରହ୍ମପୀଠର ହେବ ପୁନରୁଦ୍ଧାର

ପଦ୍ମପୁର,୨୪।୬ (ପ୍ରଶାନ୍ତ କର)

ଶବର ସମାଜର ମାଙ୍ଗୋଇ ଗମାଙ୍ଗ ନିଜ ଜାତି ଓ ସୌରା ସମ୍ପ୍ରଦାୟ ଭାଷାକୁ ସାର୍ବଜନୀନ କରିବା ଆପ୍ରାଣ ଉଦ୍ୟମ ଆଜି ସଫଳ ହୋଇଛି। ସୌରା ଭାଷା ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସ୍ଥାନ ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିବାବେଳେ ତାଙ୍କ ଅବଦାନ ପଦ୍ମପୁର ବ୍ଲକର ମରିଚଗୁଡ଼ା ଗ୍ରାମର ଅକ୍ଷର ବ୍ରହ୍ମପୀଠ ପୁନରୁଦ୍ଧାର ହେବ ବୋଲି ଘୋଷଣା ହୋଇଛି। ଗତ କିଛିଦିନ ତଳେ ୫-ଟି ସଚିବ ଭି.କେ . ପାଣ୍ଡିଆନଙ୍କ ଗସ୍ତ ପରେ ଏହି ପୀଠର ଉନ୍ନତୀକରଣ ହେବା ନେଇ ରାଜ୍ୟ ସରକାର ଘୋଷଣା କରିଛନ୍ତି। ଗୁଣପୁର ଉପଖଣ୍ଡ ପଦ୍ମପୁର ବ୍ଲକ ଅନ୍ତର୍ଗତ ଅନାମଧେୟ ଶବରପଲ୍ଲୀ ମରିଚଗୁଡ଼ା ଗ୍ରାମରେ ଥିବା ଅକ୍ଷର ବ୍ରହ୍ମପୀଠର ଉନ୍ନତୀକରଣ ଖବର ଶୁଣି ସୌରା ସମ୍ପ୍ରଦାୟ ମଧ୍ୟରେ ଖୁସିର ଲହରି ଖେଳିଯାଇଛି।

ପଦ୍ମପୁର ବ୍ଲକ ଅନ୍ତର୍ଗତ ଶବରପଲ୍ଲୀ ମରିଚଗୁଡ଼ା ଗ୍ରାମରେ ୧୯୧୬ ଜୁନ୍ ୧୬ରେ ମାଙ୍ଗୋଇ ଗମାଙ୍ଗଙ୍କ ଜନ୍ମ। ଶବର ସମାଜର ପ୍ରଥମ ବ୍ୟକ୍ତି ଭାବେ ମାଙ୍ଗୋଇ ପାରମ୍ପରିକ ବୃତ୍ତିରେ ଲିପ୍ତ ନ ରହି ଉଚ୍ଚଶିକ୍ଷା ଲାଭ ପରେ ଫାର୍ମାସି ପାଠ ପଢ଼ିବାକୁ ପୁରୀ ଯାଇଥିଲେ। ଟ୍ରେନିଂ ସମୟରେ ସାଙ୍ଗସାଥୀ ତାଙ୍କ ଚାଲିଚଳଣ ଓ ବେଶ ପୋଷାକକୁ ନେଇ ତାଚ୍ଛଲ୍ୟ କରିବା ଘଟଣା ତାଙ୍କୁ ବହୁ ମର୍ମାହତ କରିଥିଲା। ସେବେଠାରୁ ସେ ସୌରା ଭାଷାକୁ ସାର୍ବଜନୀନ କରିବା ପାଇଁ ଉଦ୍ୟମ ଆରମ୍ଭ କଲେ। ସପ୍ତାଙ୍ଗ ଯୋଗ ସାଧକ ଗୁଡ଼ିଆବନ୍ଧ ଗ୍ରାମର ମାଳିଆ ଗମାଙ୍ଗଙ୍କୁ ନିଜ ଗୁରୁ ଭାବେ ଗ୍ରହଣକରି ନିଜ ଗ୍ରାମ ମରିଚଗୁଡ଼ା ଜଙ୍ଗଲରେ ଆରାଧନା କରି ତପସ୍ୟା ମଗ୍ନ ରହିଲେ। କିଛି ବର୍ଷ ଅତିକ୍ରାନ୍ତ ପରେ ଶବର ଜାତିର ଆରାଧ୍ୟ ଦେବତା ନୀଳମାଧବ ମାଙ୍ଗୋଇଙ୍କୁ ସ୍ୱପ୍ନାଦେଶ ଦେଇଥିଲେ ଯେ, କଳି ଯୁଗରେ ସେ ପୁନର୍ବାର ଶବରମାନଙ୍କଠାରେ ଅକ୍ଷରବ୍ରହ୍ମ ରୂପେ ଆବିର୍ଭୂତ ହୋଇଛନ୍ତି। ମରିଚଗୁଡ଼ାସ୍ଥ ମାତାର ବନ୍ନମ ପାହାଡ଼ ମଧ୍ୟରେ ୨୪ଟି ଅକ୍ଷର ରୂପରେ ସେ ଉଭା ହୋଇଛନ୍ତି । ଏହାପରେ ସେ ନିଜର ଏକନିଷ୍ଠ ସାଧନା ବଳରେ ୨୪ଟି ଅକ୍ଷର ଓ ଏକ ସହାୟକ ଅକ୍ଷର (ମ୍ରାଇ)କୁ ନେଇ ସୃଷ୍ଟିକଲେ ଶବର ଅକ୍ଷରମାଳା। ୧୮ଟି ବ୍ୟଞ୍ଜନ ବର୍ଣ୍ଣ ,୭ଟି ସ୍ୱରବର୍ଣ୍ଣ ଓ ୧ଟି ସହାୟକ ଅକ୍ଷର ପରି ମୋଟ ୨୫ଟି ଅକ୍ଷର ଓ ୯ଟି ଗଣନ ସଂଖ୍ୟାକୁ ନେଇ ସୌରା ଭାଷାର ପ୍ରସାର ଓ ପ୍ରଚାର ନିମନ୍ତେ କଠିନ ପରିଶ୍ରମ କରି ଓଡ଼ିଶା ତଥା ଆନ୍ଧ୍ରପ୍ରଦେଶର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୨୫ଟି ଉପକେନ୍ଦ୍ର ସ୍ଥାପନ କଲେ। ସୌରା ଭାଷା ଶିକ୍ଷା ନିମନ୍ତେ ଶିକ୍ଷା କେନ୍ଦ୍ର ସ୍ଥାପନ କରି ଅଳ୍ପଦିନ ମଧ୍ୟରେ ଭାଷାର ପ୍ରସାର ପ୍ରଚାର କରିବାରେ ସକ୍ଷମ ହେଲେ। ଭାଷାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଭାଷା ପୁସ୍ତକ ମୁଦ୍ରଣ ନିମନ୍ତେ ତାଙ୍କ ଉଦ୍ୟମରେ ଗୁଣପୁର ବ୍ଲକ ଅନ୍ତର୍ଗତ ଡମ୍ବସରାଠାରେ ମାତରବନ୍ନମ ପ୍ରେସ୍ ସ୍ଥାପନା କଲେ। ତାଙ୍କ ଉଦ୍ୟମରେ ସୌରା ଭାଷାରେ ପୌରାଣିକ ଗ୍ରନ୍ଥ ସବୁ ମୁଦ୍ରଣ କରାଯାଇଛି। ଏତାଦୃଶ କାର୍ଯ୍ୟ ଯୋଗୁ ସେଭଳି ମହାନ୍ ବ୍ୟକ୍ତିଙ୍କୁ ଆଦିବାସୀ ସମ୍ପ୍ରଦାୟ ପଣ୍ଡିତ ଉପାଧିରେ ଭୂଷିତ କରିଛି । ଏଭଳି ବିରଳ ପ୍ରତିଭା ପାଇଁ ସେ ବହୁ ପୁରସ୍କାରପ୍ରାପ୍ତ ହୋଇଛନ୍ତି। ସେ ଇହଧାମରେ ନ ଥିଲେ ମଧ୍ୟ ତାଙ୍କ ଅବଦାନ ଓ କୃତିତ୍ୱ ଯୁଗ ଯୁଗକୁ ଅମର ହୋଇ ରହିଛି।

ମରିଚଗୁଡ଼ା ଗ୍ରାମରେ ଥିବା ଅକ୍ଷର ବ୍ରହ୍ମପୀଠ ।

**Institute of Hotel Management Catering Technology & Applied Nutrition**
**Bhubaneswar-751010**
(An Autonomous body under Ministry of Tourism, Govt. of India)
Web: www.ihmbbs.org, E-mail: hospitality@ihmbbs.org, Tel: 0674-2589241

**SPOT ADMISSION NOTICE**
**"Few seats are lying vacant"**

**Institute of Hotel Management Catering Technology and Applied Nutrition, Bhubaneswar** Invites applications for SPOT ADMISSION into following Courses of Hotel Management for the academic year 2023-24.

| Sl. No. | Name of the Course | Duration |
|---|---|---|
| 1. | B.Sc. in Hospitality & Hotel Administration | 3 Years |
| 2. | Diploma in Food Production | 1½ Year |
| 3. | PG Dip. in Accommodation Oprns. & Management | 1½ Year |
| 4. | Craft Course in Food Production | 1½ Year |

All the eligible candidates can apply with testimonials on or before **30.06.2023** and attend the Spot admission counseling for left over seats for the above programmes on **03.07.2023 from 11.00am onwards.**
Eligibility conditions, course fee and other details are available in the Website of the Institute i.e. **www.ihmbbs.org .**
**For more Details Contact on:**
**Mob.: 9438810851 & 9937453823**

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୨୫ ଜୁନ୍, ୨୦୨୩



# ବିଭିନ୍ନ ରାଜନୈତିକ ଦଳର ଆଶାୟୀ ତତ୍ପର

■ ମାଲକାନଗିରି ନିର୍ବାଚନ ମଣ୍ଡଳୀ
■ ପାଖେଇ ଆସୁଛି ନିର୍ବାଚନ



ମାଲକାନଗିର, ୨୪।୬(ଦୁର୍ଯ୍ୟୋଧନ ପାତ୍ର)

୨୦୨୪ରେ ସାଧାରଣ ନିର୍ବାଚନ ହେବାକୁ ଥିବା ବେଳେ ପୂର୍ବରୁ ନିର୍ବାଚନ ହେବା ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ବିଭିନ୍ନ ରାଜନୈତିକ ଦଳ ସେମାନଙ୍କ ରଣନୀତି ଚଳାଇଥିବା ବେଳେ ଏହା ନିର୍ବାଚନ ପୂର୍ବ ସଙ୍କେତ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ଦୀର୍ଘ ୪ ବର୍ଷ ପୂର୍ବରୁ ଯେଉଁ ଜନ ପ୍ରତିନିଧିମାନେ ବିଭିନ୍ନ ଅଞ୍ଚଳ ବୁଲି ଲୋକଙ୍କ ସମସ୍ୟା ଏବଂ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁ ନ ଥିଲେ ଗତ ୩ ମାସ ମଧ୍ୟରେ ମାଲକାନଗିରି ଜିଲାରେ ଶାସକ ବିଜେଡି, ଜିଲା କଂଗ୍ରେସ କମିଟି ଓ ଭାରତୀୟ ଜନତା ପାର୍ଟି ତରଫରୁ ନିଜ ସପକ୍ଷରେ ଭୋଟ ହାତେଇବା ପାଇଁ ଗାଁ ଗାଁ ଗଳିକନ୍ଦି ବୁଲୁଥିବା ଦେଖିବାକୁ ମିଳିଛି। ମାଲକାନଗିରି ଜିଲାର ୨ ବିଧାନସଭା ନିର୍ବାଚନ ମଣ୍ଡଳୀ ମାଲକାନଗିରି ଓ ଚିତ୍ରକୋଣ୍ଡା ଥିବା ବେଳେ ଏହି ଜିଲା ନବରଙ୍ଗପୁର ସଂସଦୀୟ କ୍ଷେତ୍ରରେ ଯାଉଛି।

ନବରଙ୍ଗପୁର ଏମ୍‌ପି ରମେଶ ମାଝି ଶାସକ ବିଜେଡିର ହୋଇଥିବା ବେଳେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମଧ୍ୟ ଶାସକ ଦଳର । ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ୀ ଭାଜପାର। ତେବେ ଏମ୍‌ପି ମାଝି ମାଲକାନଗିରି ଜିଲାକୁ ଘନ ଘନ ଗସ୍ତକରି ବିଭିନ୍ନ ସରକାରୀ କାର୍ଯ୍ୟରେ ଯୋଗ ଦେଉଥିବା ବେଳେ ଏମ୍‌ପି ପାଣ୍ଠିରେ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଜିଲାର ୭ ବ୍ଲକର ବିଭିନ୍ନ ପଞ୍ଚାୟତ ଗସ୍ତକରି ଲୋକଙ୍କ ସମସ୍ୟା ବୁଝିବା ସହ ତାହା କିପରି ସମାଧାନ ହେବ ସେଥିପାଇଁ ଉଦ୍ୟମ ଚଳାଇଛନ୍ତି। ସେହିପରି ଚିତ୍ରକୋଣ୍ଡା ବିଧାୟକ ବାକା ମଧ୍ୟ ଏମ୍‌ପିଙ୍କ ପରି ଅନୁରୂପ ଗସ୍ତ କରି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସମସ୍ୟା, ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଜନହିତକର ଯୋଜନା ସମ୍ବନ୍ଧରେ ଲୋକଙ୍କୁ ବୁଝାଇବା ସହ ବିଜୁ ଜନତା ଦଳର ଏକ ପ୍ରକାର ପ୍ରଚାର ପ୍ରସାର ଚଳାଇଛନ୍ତି। ବାକା ପୁନର୍ବାର ଦଳୀୟ ଟିକେଟ ପାଇବା ପାଇଁ ଆଶା ରଖି ପ୍ରତିଦିନ ଅଞ୍ଚଳ ଗସ୍ତ କରୁଛନ୍ତି। ତୁରନ୍ତ ନିର୍ବାଚନ ଏବଂ ତାଙ୍କ ଲୋକପ୍ରିୟତାକୁ ପ୍ରମାଣ କରିବା ପାଇଁ ଏକ ପ୍ରକାର ଚେଷ୍ଟା ଚଳାଇଥିବା ଦେଖିବାକୁ ମିଳିଛି।

ଅନ୍ୟପଟେ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ରଙ୍କ ନେତୃତ୍ୱରେ ଦଳକୁ ମଜଭୁତ କରିବା ପାଇଁ ସ୍ୱାଭିମାନ ଅଞ୍ଚଳଠାରୁ ଆରମ୍ଭକରି ବାଲିମେଳା, କୋରୁକୋଣ୍ଡା, ମାଥିଲି ଓ ଖଇରପୁଟ ଅଞ୍ଚଳରେ ମଧ୍ୟ ପ୍ରଚାର ପ୍ରସାର କରୁଥିବା ବେଳେ ରାଜ୍ୟ ସରକାରଙ୍କ ବିଫଳତାକୁ ଲୋକଙ୍କ ନିକଟରେ ବଖାଣୁଛନ୍ତି। ସେହିପରି ଭାଜପା ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀରେ ସେପରି କିଛି ସଭା ସମିତି କିମ୍ବା ସଙ୍ଗଠନ ସୁଦୃଢ଼ କରିବା, ଆଗାମୀ ବିଧାନସଭା ପ୍ରାର୍ଥୀ କିଏ ହେବେ ତାହା ସ୍ପଷ୍ଟ ହୋଇ ନାହିଁ। ଏଠାରେ ଦଳ ତୃତୀୟ ସ୍ଥାନରେ ରହିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ପୂର୍ବତନ ବିଧାୟକ ମାନସ ମାଡକାମି ପ୍ରତ୍ୟେକ ଅଞ୍ଚଳକୁ ଯାଇ ସଭା ସମିତି କରି ଦଳ ସପକ୍ଷରେ ପ୍ରଚାର ଚଳାଇଛନ୍ତି। ସେହିପରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା ମଧ୍ୟ ବିଧାୟକ ପ୍ରାର୍ଥୀ ହେବା ନିମନ୍ତେ ଆଶାୟୀ ଥିବା ବେଳେ ଯୁବଗୋଷ୍ଠୀଙ୍କୁ ଧରି ବିଭିନ୍ନ ଅଞ୍ଚଳ ଗସ୍ତକରି ଦଳ ସପକ୍ଷରେ ପ୍ରଚାର ଜାରି ରଖିଛନ୍ତି ।

ପୂର୍ବତନ ବିଧାୟକ ମୁକୁନ୍ଦ ସୋଡ଼ି ମଧ୍ୟ ଟିକେଟ ପାଇବା ପାଇଁ ଆଶା ରଖି ତାଙ୍କ ଗୋଷ୍ଠୀଙ୍କୁ ଧରି ବିଭିନ୍ନ ଅଞ୍ଚଳ ଗସ୍ତ କରୁଛନ୍ତି। ସେହିପରି କଂଗ୍ରେସ ମଧ୍ୟ ମାଲକାନଗିରି ନିର୍ବାଚନ ମଣ୍ଡଳୀରେ ତା'ର ରଣନୀତି ଆରମ୍ଭ କରିଥିବା ବେଳେ କାଲିମେଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ ମାଲା ମାଢ଼ୀଙ୍କୁ ଟିକେଟ ଦେବା ପାଇଁ ନିଷ୍ପତ୍ତି ହୋଇଥିବା ଦଳ ପକ୍ଷରୁ ଚର୍ଚ୍ଚା ହେଉଛି। ସେହିପରି ଭାରତୀୟ ଜନତା ଦଳ ମାଲକାନଗିରି ଜିଲା ସଭାପତି ତଥା ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ୀ ଅସୁସ୍ଥ ଥିବାରୁ ସେ କୌଣସି ସ୍ଥାନକୁ ଯାଇପାରୁ ନ ଥିଲେ ମଧ୍ୟ କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ହଡ଼ପ କରି ବାହାବା ନେଉଥିବା ନେଇ ଏହାର ପ୍ରତିବାଦ କରୁଥିବା ଦେଖିବାକୁ ମିଳିଛି। ତେବେ ସମ୍ପାଦକ ନିମାଇଁ ପାଲ ଏବଂ ଭାଜପା କର୍ମୀମାନେ ବିଭିନ୍ନ ଅଞ୍ଚଳରେ ସଭାସମିତି ନ କଲେ ମଧ୍ୟ ଦଳକୁ ସୁଦୃଢ଼ କରିବା ପାଇଁ ବଜରଙ୍ଗ ଦଳ, ରାଷ୍ଟ୍ରୀୟ ସ୍ୱୟଂ ସହାୟକ ଦଳ ସହ ମିଶି ଗ୍ରାମ, ପଞ୍ଚାୟତ, ବ୍ଲକ ଓ ଜିଲା କମିଟି ମାଧ୍ୟମରେ ଭୋଟରଙ୍କୁ ହାତେଇବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ଅନ୍ୟପଟେ ବିଜେଡି ଗୋଷ୍ଠୀ କନ୍ଦଳର ଫାଇଦା ନେବା ପାଇଁ ଯେପରି ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କୁ ଚାକିରିରୁ ଅବସର ନେଇ ବିଧାୟକ ଟିକେଟ ଦିଆଯାଇଥିଲା ସେହିପରି ମାଲକାନଗିରିର ଜଣେ ଆଦିବାସୀ ସମ୍ପ୍ରଦାୟର ରାଜସ୍ୱ ବିଭାଗର ଅତିରିକ୍ତ ତହସିଲଦାର ଜଗଦୀଶ କାର୍ତ୍ତାମୀ ସ୍ୱେଚ୍ଛାକୃତ ଅବସର ନେଇ ବିଜୁ ଜନତା ଦଳରୁ ଟିକେଟ ପାଇପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। ଏ ସମ୍ପର୍କରେ ଜଗଦୀଶ କାର୍ତ୍ତାମୀଙ୍କୁ ପଚାରିବାରୁ ବିଜେଡି ପକ୍ଷରୁ ବହୁ ନେତା ମୋ ସହ ଯୋଗାଯୋଗ କରି ମୋତେ ଦଳରେ ମିଶିବା ଲାଗି କହିଛନ୍ତି। ଯଦି ଦଳ ତରଫରୁ ଟିକେଟ ମିଳେ ତେବେ ମୁଁ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ଲୋକଙ୍କ ସେବା କରିବି ।

## ଆଭ୍ୟନ୍ତରୀଣ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦୂରକଲେ ସାମାଜିକ କର୍ମୀ

ମାଲକାନଗିରି, ୨୪।୬(ଦୁର୍ଯ୍ୟୋଧନ ପାତ୍ର)

ଚଳିତ ବର୍ଷ ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ଅନେକ ଅଞ୍ଚଳରେ ନଦୀନାଳ ଶୁଖିଯିବା ସହ ଭୂତଳ ଜଳସ୍ତର କମିଯାଇଛି। ଏଥିଯୋଗୁ ମାଲକାନଗିରି ଜିଲାରେ ପାନୀୟ ଜଳ ସମସ୍ୟା ଉପୁଜିଥିଲା। ଏମ୍‌ଭି ୭୯ ଥାନା ଅଞ୍ଚଳ ମହାରାଜପାଲ୍ଲୀ ପଞ୍ଚାୟତର ଏକ ଆଭ୍ୟନ୍ତରୀଣ ଆଦିବାସୀ ବହୁଳ ଗ୍ରାମ ମେକାଲଗୁଡ଼ାରେ ୧୦୦ରୁ ଊର୍ଦ୍ଧ୍ୱ ପରିବାର ପାନୀୟ ଜଳ ପାଇଁ କଷ୍ଟ ଭୋଗୁଥିଲେ। ଅନେକ ଦୂରକୁ ଯାଇ ପାନୀୟ ଜଳ ସଂଗ୍ରହ କରୁଥିବା ବେଳେ ସେହି ଅଞ୍ଚଳର ସାମାଜିକ କର୍ମୀ ବିଶ୍ୱନାଥ ରେଡ୍ଡୀଙ୍କ ଦୃଷ୍ଟିକୁ ଏହା ଆସିଥିଲା। ରେଡ୍ଡୀ ମେକାଲଗୁଡ଼ା ଗ୍ରାମବାସୀଙ୍କ ପାନୀୟ ଜଳ ସମସ୍ୟା ଦୂରକରିବା ପାଇଁ ନିଜ ଉଦ୍ୟମରେ ଏକ ନଳକୂପ ବସାଇ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର କରିଛନ୍ତି। ଗ୍ରାମବାସୀ ରେଡ୍ଡୀଙ୍କୁ ପ୍ରଶଂସା କରିବା ସହ ବହୁଦିନ ପରେ ପାନୀୟ ଜଳ ସମସ୍ୟା ଦୂରହୋଇଥିବା ପ୍ରକାଶ କରିଛନ୍ତି ।

## ସଂକ୍ଷେପରେ

### ୮ ମାସ ମଧ୍ୟରେ ବିଚାର ଶେଷ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ
### ପୂର୍ବତନ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକଙ୍କ ମୃତ୍ୟୁ ଘଟଣା

ମାଲକାନଗିରି, ୨୪।୬(ଦୁର୍ଯ୍ୟୋଧନ ପାତ୍ର)- ମାଲକାନଗିରିର ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ବ୍ୟକ୍ତିଗତ ସହାୟକ ଦେବ ନାରାୟଣ ପଣ୍ଡାଙ୍କର ୨୦୧୯ ଡିସେମ୍ବର ୨୬ରେ ସତୀଗୁଡ଼ା ଜଳଭଣ୍ଡାରରେ ମୃତ୍ୟୁ ହୋଇଥିଲା। ପଣ୍ଡାଙ୍କ ମୃତ୍ୟୁକୁ ନେଇ ସ୍ତ୍ରୀ ବନଜା ପଣ୍ଡା ଅଗ୍ରୱାଲ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିବା ମାଲକାନଗିରି ଥାନା, ଏସ୍‌ଡିଜେଏମ୍‌ଙ୍କ କୋର୍ଟ ଓ ଜିଲା ନ୍ୟାୟାଳୟରେ ମାମଲା ରୁଜୁ କରିଥିଲେ । ସେ ସମୟରେ ପୋଲିସର ତଦନ୍ତ ରିପୋର୍ଟ ଏବଂ ସାକ୍ଷୀଙ୍କ ବୟାନକୁ ଆଧାରକରି ମାମଲା ଖାରଜ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ବନଜା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଏହି ମାମଲାର ଶୁଣାଣିକରି ଶୁକ୍ରବାର ଅଗ୍ରୱାଲଙ୍କ ବିରୋଧରେ ଲାଗି ଥିବା ଦଫା ୩୦୨, ୫୦୬, ୨୦୧ ଓ ୨୦୪ କୁ ଗ୍ରହଣକରି ନ ଥିବା ବେଳେ ଦଫା ୩୦୬, ୧୨୦ (ବି) ୩୪ରେ ମାମଲାର ବିଚାର କରାଯିବା ସହ ଉକ୍ତ ମାମଲାକୁ ୮ ମାସ ମଧ୍ୟରେ ନିମ୍ନ କୋର୍ଟ ଏହାର ବିଚାର ଶେଷ କରିବା ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

### ମାଥିଲି ବ୍ଲକରେ ଋଣ ଆଦାୟ ମେଳା

ମାଥିଲି, ୨୪।୬(ସୁବାଷ ଚନ୍ଦ୍ର ଖୁଡୁପିଆ)- ମାଥିଲି ମିନିବ୍ୟାଙ୍କ ତରଫରୁ ଏକ ଋଣ ଆଦାୟ ମେଳା ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେସିସି ବ୍ୟାଙ୍କ ପରିଚାଳକ ବିଦ୍ୟାଧର ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା କେସିସି ବ୍ୟାଙ୍କ ନିର୍ଦ୍ଦେଶକ ଗୋପୀ ପାଙ୍ଗି ଯୋଗ ଦେଇଥିଲେ । ମାଥିଲି ମିନି ବ୍ୟାଙ୍କର ୧୫ଜଣ ଡାଏରେକ୍ଟର ସୁବାଷ ଚନ୍ଦ୍ର ଖୁଡୁପିଆ, ତ୍ରିନାଥ ଭୂମିଆ, ଡୋମୁ ନାୟକ, ହଳ ଧର ପୂଜାରୀ, ସମାରୁ ନାୟକ, ରାମେଶ୍ୱର ଚୌଧୁରୀ ପ୍ରମୁଖଙ୍କ ସମେତ ଲ୍ୟାମ୍ପସ୍‌ର ପ୍ରେସିଡେଣ୍ଟ ମୁନି ବତୀ ବୁଡ଼ବାଡେ ଉପସ୍ଥିତ ଥିଲେ। ଚାଷୀମାନଙ୍କଠାରୁ ଋଣ ଆଦାୟ କରାଯାଇଥିଲା । ଏହି ଋଣ ଆଦାୟ ମେଳାରେ ମାଥିଲି ଓ ଏହାର ଆଖ ପାଖ



ଅଞ୍ଚଳର ପାଖା ପାଖି ୪୦୦ ଚାଷୀ ଉପସ୍ଥିତ ଥିଲେ । ଆଗାମୀ ଦିନରେ ଚାଷୀ କିପରି ଋଣ ଟଙ୍କାକୁ ନେଇ ବିନା ସୁଧରେ ଋଣ ଆଦାନ ପ୍ରଦାନ କରି ପାଇବେ ସେନେଇ ପ୍ରଧାନ ଆଲୋଚନା କରିଥିଲେ। ଲ୍ୟାମ୍ପସର ଏମଡି ସନ୍ତୋଷିନୀ ପରିଡ଼ା କହିଛନ୍ତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଘୋଷଣା ପ୍ରକାରେ ଚାଷୀମାନଙ୍କୁ ଋଣ ପ୍ରଦାନରେ କୌଣସି ସୁଧ ନିଆଯାଉ ନ ଥିବାରୁ ଏହା ପରିଶୋଧ କରିବା ପାଇଁ ବହୁ ଚାଷୀ ଆଗ୍ରହ ପ୍ରକାଶ କରିଥିଲେ । ଏହି ମେଳାରେ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ସେମାନଙ୍କ ଋଣ ବାବଦକୁ ପାଖାପାଖି ୫୦ ଲକ୍ଷ ଟଙ୍କା କୃଷିଋଣ ପରଶୋଧ କରିଥିବା ଜଣାପଡିଛି। ଋଣ ମେଳାରେ ଏସ୍‌ଏଚଜି ମହିଳା ଏବଂ ଜିଲାର ଭୂମିହୀନ ଲୋକଙ୍କୁ ବିନା ସୁଧରେ ଋଣ ପ୍ରଦାନ କରାଯାଇଛି।

### ଡାଲା ଗାଡ଼ି ଧକ୍କାରେ ଜଣେ ମୃତ

ଫୁଲବାଣୀ, ୨୪।୬(ରାକେଶ ରାଉତ)- ଫିରିଙ୍ଗିଆ ବ୍ଲକ ସାଡିଙ୍ଗିଆ ପଞ୍ଚାୟତ ସାଡିଙ୍ଗିଆ ପାଣି ପମ୍ପ ନିକଟ ବୁଲାଣି ରାସ୍ତାରେ ଏକ ଡାଲା ଗାଡି ଧକାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତ ଯୁବକ ହେଲେ ସାଡିଙ୍ଗିଆ ଗାଁର ଜୋତି କହଁର।

# ପୁଣି ସ୍କୁଲ ଫାଟକରେ ଧାରଣାଦେଲେ ଗ୍ରାମବାସୀ



ଗ୍ରାମବାସୀ ସ୍କୁଲ ଆଗରେ ଧାରଣା ଦେଉଛନ୍ତି।

ପାପଡାହାଣ୍ଡି, ୨୪।୬ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଚେରଚେଟା ସରକାରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜବତୀ ପରିଡ଼ା ମନମୁଖି କାର୍ଯ୍ୟ କରିବା ଅଭିଯୋଗରେ ଶନିବାର ଗ୍ରାମବାସୀ ପୁଣି ସ୍କୁଲ ଆଗରେ ଧାରଣା ଦେଇଛନ୍ତି। ପୂର୍ବ ଧାରଣା ବେଳେ ପ୍ରଶାସନ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ହେଉ ନ ଥିବାରୁ ବିବାଦ ଉଗ୍ରରୂପ ନେବାରେ ଲାଗିଛି। ଦାବି ପୂରଣ ନ ହେବା ଯାଏ ଧାରଣା ଚାଲିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଗତ ୨୧ ତାରିଖରେ ପ୍ରଧାନ ଶିକ୍ଷୟିତ୍ରୀ ସଞ୍ଜବତୀ ପରିଡ଼ାଙ୍କ ମନମୁଖି କାର୍ଯ୍ୟରେ ଅତିଷ୍ଠ ହୋଇ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇଥିଲେ । ଏମ୍‌ଡିଏମ୍ ନିଜେ ଚଳାଇବା, ନବମ ଓ କଲେଜ ପିଲାଙ୍କଠାରୁ ଅଧିକ ଟଙ୍କା ଆଦାୟ, ବିଦ୍ୟାଳୟ ପରିସରରେ ଗଛ ନିଜେ କାଟିଦେବା, କୌଣସି କାର୍ଯ୍ୟରେ ବିଦ୍ୟାଳୟ କମିଟିର ହସ୍ତକ୍ଷେପ ନ ନେବାରୁ ଗ୍ରାମରେ ଅସନ୍ତୋଷ ପ୍ରକାଶ କରିଥିଲେ। ଗ୍ରାମବାସୀ ପ୍ରଧାନ ଶିକ୍ଷୟିତ୍ରୀଙ୍କ ବଦଳି ମଧ୍ୟ ଦାବି କରିଥିଲେ। ତେବେ ପ୍ରଶାସନ ତରଫରୁ ଏବିଇଓ ପହଞ୍ଚି ଗ୍ରାମବାସୀଙ୍କଠାରୁ ଲିଖିତ ଅଭିଯୋଗ ନେଇ ଦାବି ପୂରଣ କରିବା ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପ୍ରତିଶ୍ରୁତି ପାଳନ କରା ନ ଯିବାରୁ ଗ୍ରାମବାସୀ ପୁଣି ଫାଟକ ନିକଟରେ ଧାରଣା ଦେଇଛନ୍ତି। ଯେ ପର୍ଯ୍ୟନ୍ତ ଦାବି ପୂରଣ ହେବନି ଧାରଣାରେ ବସିବେ ବୋଲି ଦୀନବନ୍ଧୁ ବଗଡ, ପ୍ରହଲ୍ଲାଦ ଚାଲାଣ, କ୍ଷେମରାଜ ବାଘ, ସଦାଶିବ ଭତ୍ରା, କୃଷ୍ଣ ହରିଜନ, ଜୟଦାସ ହରିଜନ, ମନସିଂ ହରିଜନ, ଗଙ୍ଗାଧର ଭତ୍ରା, ଧନୁର୍ଯ୍ୟୟ ଭତ୍ରା, ସନପତ ବିନ୍ଧାଣି, ବୁଦ୍ଧୁ ହରିଜନ, ଜଗଦୀଶ ଭତ୍ରା, ମନଧର ଭତ୍ରା, ଯଦୁ ହରିଜନ, ବୁଦାନ ଜାନି, ପବିତ୍ର ହରିଜନ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଜମି ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ

ଡାବୁଗାଁ, ୨୪।୬ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଅଞ୍ଚଳା ପଞ୍ଚାୟତ ସଦର ଗାଁରେ ଜମି ବିବାଦକୁ ନେଇ ଗୋଷ୍ଠୀ ସଂଘର୍ଷ ହୋଇଛି। ଏଥିରେ ୧୮ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୯ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଗୁରୁତରଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ୨ ଗୋଷ୍ଠୀ ଡାବୁଗାଁ ଥାନାରେ ପୃଥକ୍ ଏତଲା ଦେଇଛନ୍ତି। ଏତଲା ଆଧାରରେ ପୋଲିସ ୧୨୩/୨୩ ଓ ୧୨୪/୨୩ରେ ମାମଲା ରୁଜୁକରି ତଦନ୍ତ କରୁଥିବା ଥାନାଧିକାରୀ ସୁନୀଲ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

ସୂଚନାନୁଯାୟୀ, ଅଞ୍ଚଳା ଗ୍ରାମର ଖଗପତି ଗୌଡ଼ ଓ ସମ୍ପର୍କୀୟ ଭାଇ ପର୍ଶୁ ଗୌଡ଼ଙ୍କ ମଧ୍ୟରେ ପ୍ରାୟ ୧ ବର୍ଷ ହେଲା ୧୧ ଏକର ଜମି ଭାଗବଣ୍ଟାକୁ ନେଇ ବିବାଦ ଲାଗି ରହିଥିଲା। ଗତ ବର୍ଷ ମଧ୍ୟ ସେମାନଙ୍କ ଜମି ବିବାଦରୁ ଗୋଷ୍ଠୀ ସଂଘର୍ଷ ହୋଇ ଉଭୟ ପକ୍ଷ ଆହତ ହୋଇଥିଲେ। ଉକ୍ତ ମାମଲା କୋର୍ଟରେ ବିଚାରାଧୀନ ରହିଛି। ଶୁକ୍ରବାର ସକାଳ ୬ଟାରେ ଖଗପତିଙ୍କ ପରିବାର ଲୋକ ନିଜ ଜମିରେ ହଳ କରିବା ପାଇଁ ଯାଇଥିଲେ। ତେବେ ଏହି ସମୟରେ ପର୍ଶୁ ଗୌଡଙ୍କ ଗୋଷ୍ଠୀ ଅଚାନକ ଜମିରେ ପହଞ୍ଚି ଗଣ୍ଡଗୋଳ ଆରମ୍ଭ କରିଥିଲେ। ଧୀରେ ଧୀରେ ଏହା ଉଗ୍ରରୂପ ଧାରଣ କରିଥିଲା। ଦୁଇ ଗୋଷ୍ଠୀ ପରସ୍ପରକୁ ଟାଙ୍ଗିଆ ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଏଥିରେ ଉଭୟ ଗୋଷ୍ଠୀର ୧୮ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଆହତଙ୍କୁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୁରୁତର ପିପଲ ଗୌଡ଼, ହିରାବତି ଗୌଡ଼, କମଲ ଗୌଡ଼, ଜୟରାମ ଗୌଡ଼, ଭାସ୍କର ଗୌଡ଼, ପରମ ଗୌଡ଼, ତମସ ଗୌଡ଼, ଦୁର୍ଜନ ଗୌଡ଼ଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ସରକାରୀ ଜାଗାରେ ନିର୍ମାଣ ଘର ଉଚ୍ଛେଦ

ମାଲକାନଗିର, ୨୪।୬ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ଏମ୍‌ଭି ୪୨ ଗ୍ରାମରେ ସରକାରୀ ଜାଗାରେ ଜଣେ ବ୍ୟକ୍ତି ଗୃହ ନିର୍ମାଣ କରିଥିବାରୁ ଶନିବାର ପ୍ରଶାସନ ତରଫରୁ ଉକ୍ତ ନିର୍ମାଣାଧୀନ ଗୃହକୁ ଉଚ୍ଛେଦ କରାଯାଇଛି।

ସୂଚନାନୁଯାୟୀ, ଏମ୍‌ଭି ୪୨ ଗ୍ରାମର ପୀୟୂଷ ବରାଳ ସରକାରୀ ଜାଗାରେ ଗୃହ ନିର୍ମାଣ କରୁଥିଲେ । ଏ ସମ୍ପର୍କରେ ପ୍ରଶାସନକୁ ଖବର ମିଳିଲା ପରେ ପୀୟୂଷଙ୍କ ଉକ୍ତ ଗୃହ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ସରକାରୀ ଜାଗାରୁ ଉଚ୍ଛେଦ କରିବା ପାଇଁ ୩୦ ଦିନ ସମୟ ଦେଇ ନୋଟିସ ଜାରି



କରିଥିଲେ। ତେବେ ନୋଟିସ ଜାରିର ୩୦ ଦିନ ବିତିଯାଇଥିଲେ ସୁଦ୍ଧା ପୀୟୂଷ ଗୃହକୁ ଉଚ୍ଛେଦ ନ କରିବାରୁ ପ୍ରଶାସନ ତରଫରୁ ଉକ୍ତ ନିର୍ମାଣାଧୀନ ଗୃହକୁ ଭଙ୍ଗାଯାଇଛି। ଉପ ଜିଲାପାଳ ଅକ୍ଷୟ କୁମାର ଖେମୁଣ୍ଡୁ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଜଗଦୀଶ କାର୍ତ୍ତାମୀଙ୍କୁ ନିୟୋଜିତ କରି ଏହି ଉଚ୍ଛେଦ ଲାଗି ଆଦେଶ ଦେଇଥିଲେ। ଏହି ସମୟରେ ମାଲକାନଗିରି ତହସିଲଦାର ସୟଦ ସବିର ସାହା, ରାଜସ୍ୱ ପରିଦର୍ଶକ ରଣଦା ପ୍ରସାଦ ମଣ୍ଡଳ, ରାଜସ୍ୱ ନିରୀକ୍ଷକ ଶ୍ରୀନିବାସ ପଟ୍ଟନାୟକ, ପୋଲିସ ଏବଂ ତହସିଲର ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସରପଞ୍ଚଙ୍କ ଶୁକ୍ରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ

### ଶ୍ରେଣୀ ଗୃହ ମରାମତି ଲାଗି ପଦକ୍ଷେପ





ସରପଞ୍ଚ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରୁଛନ୍ତି ।

ଗୋବିନ୍ଦପାଲି, ୨୪।୬(କାର୍ତ୍ତିକ ରଥ)

ମାଲକାନଗିରି ଜିଲା ଖଇରପୁଟ ବ୍ଲକ୍ ମଦକପଦର୍ ସରପଞ୍ଚ ଡମ୍ବରୁ ସୀସା ଶନିବାର ଶୁକ୍ରିପୁଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସ୍ଥିତି ଅନୁଧ୍ୟାନ କରିଥିଲେ। କିଛି ଦିନ ପୂର୍ବେ କାଳ ବୈଶାଖୀରେ ଏହି ବିଦ୍ୟାଳୟର ଦୁଇଟି ଶ୍ରେଣୀ ଗୃହର ଟିଣ ଉଡ଼ି ଯାଇଥିବାରୁ ବିଦ୍ୟାଳୟ ପରିଚାଳନା କମିଟି ଏହାର ମରାମତି ପାଇଁ ଅନୁରୋଧ କରିଥିଲେ। ବର୍ଷା ଦିନ ପାଖେଇ ଆସୁଥିବାରୁ ବିଳମ୍ବ ନ କରି ସରପଞ୍ଚ ସ୍କୁଲକୁ ଆସି ଦେଖିଥିଲେ। ସରପଞ୍ଚଙ୍କ ଗସ୍ତ ସମୟରେ ସ୍ଥାନୀୟ ଗୋଷ୍ଠୀ ସଂଯୋଜକ ଶିବାନୀ ମୁଦୁଲି ଉପସ୍ଥିତ ଥିଲେ। ଏହାର ନିର୍ମାଣ କାର୍ଯ୍ୟ ତୁରନ୍ତ କରାଯିବାକୁ ସରପଞ୍ଚ ପଦକ୍ଷେପ ନେଇଥିଲେ। ଏଥି ପାଇଁ ଶିକ୍ଷକ ଓ ଅଭିଭାବକମାନେ ସରପଞ୍ଚଙ୍କୁ ଧନ୍ୟବାଦ ଜଣାଇଥିଲେ।

## ବ୍ୟାଙ୍କରୁ ଟଙ୍କା ଉଠାଇବା ବେଳେ ଦସ୍ତଖତ ଜାଲିଆତି

### ଧରାପଡ଼ିଲେ ମହିଳା ଠିକାଦାର

ମାଲକାନଗିରି, ୨୪।୬(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ପୌର ପରିଷଦ ଅଞ୍ଚଳରେ କାର୍ଯ୍ୟ କରୁଥିବା ଜଣେ ମହିଳା ଠିକାଦାର ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ଦସ୍ତଖତ ଜାଲିଆତି କରି ବ୍ୟାଙ୍କରୁ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ। ସେ ଧରାପଡ଼ିବାରୁ ଫେରାର ହୋଇଯାଇଛନ୍ତି।

ପ୍ରକାଶ ଯେ, ପୋଟେରୁ ଅଞ୍ଚଳର ରଞ୍ଜିତା ଭୌମିକ ମାଲକାନଗିରି ପୌର ପରିଷଦ ଅଞ୍ଚଳ ସଂସ୍କୃତି ଭବନଠାରୁ ଏମ୍‌ଭି ୨ ପର୍ଯ୍ୟନ୍ତ ରାସ୍ତା କାମ ପାଇଁ ଟେଣ୍ଡର ନେଇଥିଲେ। ତେବେ ଟେଣ୍ଡର ଲେସ୍ ଆମାଉଣ୍ଟ ୫ ଲକ୍ଷ ହୋଇଥିବା ବେଳେ ବ୍ୟାଙ୍କରୁ ୨ଟି ଟିଡିଆର୍ କରି ପୌର ପରିଷଦ କାର୍ଯ୍ୟାଳୟରେ ଜମା କରିଥିଲେ। କିଛିଦିନ ପରେ ଏହାର ଏକ ନକଲ ବାହାରକରି ପୌର ପରିଷଦ ଅଧିକାରୀଙ୍କ ଜାଲ୍ ଦସ୍ତଖତ ସହ ସ୍ଥାନୀୟ ଏଚ୍‌ଡିଏଫ୍‌ସି ବ୍ୟାଙ୍କକୁ ଟଙ୍କା ଉଠାଇବାକୁ ଯାଇଥିଲେ। ତେବେ ବ୍ୟାଙ୍କ ଅଧିକାରୀଙ୍କର ଏଥିରେ ସନ୍ଦେହ ହେବାରୁ ପୌର ଅଧିକାରୀଙ୍କୁ ସ୍ପଷ୍ଟୀକରଣ ମାଗିଥିଲେ।

ଏ ସମ୍ପର୍କରେ ପୌର ପରିଷଦ ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ କହିଛନ୍ତି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ପରିଚାଳକ ମୋତେ ଆସି ଗୋଟିଏ ଟିଡିଆର୍ ଆକାଉଣ୍ଟରୁ ଟଙ୍କା ଉଠାଇବା ପାଇଁ ମୋ ଦସ୍ତଖତ ଥିବା ଚିଠିକୁ ରଞ୍ଜିତା ଭୌମିକ ନାମକ ଜଣେ ଠିକାଦାର ଦେଇଥିବା ଦେଖାଇଥିଲେ। କିନ୍ତୁ ଉକ୍ତ ଦସ୍ତଖତ ମୋର ନୁହେଁ ବୋଲି ମୁଁ କହିବା ସହ ମୋର ଜାଲ୍ ଦସ୍ତଖତ ହୋଇଥିବାରୁ ମୁଁ ବାଧହୋଇ ମାଲକାନଗିରି ଥାନାରେ ଅଭିଯୋଗ କରିଛି ବୋଲି କହିଥିଲେ। ଏ ସମ୍ବନ୍ଧରେ ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି, ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ ଜାଲ୍ ଦସ୍ତଖତ କରି ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ମହିଳା ଠିକାଦାର ରଞ୍ଜିତା ଭୌମିକଙ୍କ ବିରୋଧରେ ପଟ୍ଟନାୟକ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ଏହି ଅଭିଯୋଗକୁ ଭିତ୍ତିକରି ସମ୍ପୃକ୍ତ ଠିକାଦାରଙ୍କୁ ଖୋଜା ଚାଲିଛି। ସେ ଫେରାର ଅଛନ୍ତି, ଖୁବ୍ ଶୀଘ୍ର ତାଙ୍କୁ ଗିରଫ କରାଯିବ।

# ଜିଲାରେ ଜନଶୁଣାଣି କରିବ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ

ନବରଙ୍ଗପୁର, ୨୪।୬(ସଦାଶିବ ପ୍ରହରାଜ)

ଭିଜିଲାନ୍ସ ବିଭାଗ ଦ୍ୱାରା ନବରଙ୍ଗପୁର ଉପଜିଲାପାଳଙ୍କ ଅମାପ ସମ୍ପତ୍ତି ଆକଳନ ରାଜ୍ୟବାସୀଙ୍କୁ ବିସ୍ମିତ କରିଛି। ଓଡ଼ିଶାରେ ଏଭଳି ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି କହି ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ରାଜ୍ୟ କମିଟି ଉଦ୍‌ବେଗ ପ୍ରକାଶ କରିଛି। କମିଟି ପକ୍ଷରୁ କୋରାପୁଟ ଜିଲା ସଂଗଠକ ଅଶୋକ ମିଶ୍ର, ନବରଙ୍ଗପୁର ଲକ୍ଷ୍ମୀଚନ୍ଦ୍ର ଦାଶ ପ୍ରେସ କ୍ଲବରେ ଏକ ଖବରଦାତା ସମ୍ମିଳନୀ କରିଛନ୍ତି।

ଯେଉଁମାନଙ୍କର ଖଣି, ଗଞ୍ଜେଇ ମାଫିଆ ଓ ଆତଙ୍କବାଦୀ ସମ୍ପୃକ୍ତି ଥାଏ ତାଙ୍କଠାରୁ କୋଟିକୋଟି ଟଙ୍କା ମିଳିଥାଏ। ନବରଙ୍ଗପୁର ଜିଲାରେ ଖଣି ନାହିଁ, ଗଞ୍ଜେଇ ନାହିଁ। ଭାରପ୍ରାପ୍ତ ଉପଜିଲାପାଳ ଯେଉଁ କୋଟିକୋଟି ଟଙ୍କା ଘରେ ଓ ସରକାରୀ କ୍ୱାଟରରେ ରଖିଥିଲେ ତାହାର ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସଙ୍ଗଠନ ପକ୍ଷରୁ କୁହାଯାଇଛି। ଏହି ଘଟଣାର ତଦନ୍ତ ପାଇଁ ଏକ ରାଜ୍ୟସ୍ତରୀୟ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରାଯାଇଛି। ଏହି ଦୁର୍ନୀତିରେ ବହୁ ସଂଖ୍ୟକ ଭ୍ରଷ୍ଟ ଅଧିକାରୀଙ୍କ ସମ୍ପୃକ୍ତି ଥିବା କଥା ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି । ଏହି କମିଟି ନବରଙ୍ଗପୁର ଜିଲାରେ ତଦନ୍ତ କରିବେ ବୋଲି ରାଜ୍ୟ କମିଟିର ଆବାହାକ ସୁବ୍ରତ ନନ୍ଦ କହିଛନ୍ତି। ନବରଙ୍ଗପୁରରେ ରାଜ୍ୟ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ପକ୍ଷରୁ ଜନଶୁଣାଣି କରାଯାଇ ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରାଯିବ। ଏହି କମିଟିର ଆବାହକଭାବେ କୋରାପୁଟ ଜିଲା ସଭାପତି ତଥା ନବରଙ୍ଗପୁର ବାର ଆସୋସିଏସନର ପୂର୍ବତନ ସଭାପତି ଅଶୋକ ମିଶ୍ର, ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ପଣ୍ଡା, କୋରାପୁଟ ଜିଲା ସଂଯୋଜକ ଶରତ ପଟ୍ଟନାୟକ, ନବରଙ୍ଗପୁର ଜିଲା ସଭାପତି ଈଶ୍ୱର ରାଓ ଓ ସୁପ୍ରିମ୍‌କୋର୍ଟ ଆଇନଜୀବୀ ତଥା କଳାହାଣ୍ଡି ଜିଲା ସଭାପତି ସଞ୍ଜୀବ ଯୋଶୀ ଅଛନ୍ତି। ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଜିଲା ସଭାପତି ଈଶ୍ୱର ରାଓ ଓ କୋରାପୁଟ ଜିଲା ସଂଯୋଜକ ଶରତ ପଟ୍ଟନାୟକ ଉପସ୍ଥିତ ଥିଲେ।





ଖବରଦାତା ସମ୍ମିଳନୀରେ ଅଖିଳ ଭାରତ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ସଦସ୍ୟମାନେ।

# ପ୍ରଶାସନିକ ଅଧିକାରୀ, ବିଜେଡି ନେତାଙ୍କୁ ଟାର୍ଗେଟ କଲା ଭାଜପା

ନବରଙ୍ଗପୁର, ୨୪।୬(ସଦାଶିବ ପ୍ରହରାଜ)





ଖବରଦାତା ସମ୍ମିଳନୀରେ ଉପସ୍ଥିତ ଭାଜପା ନେତାମାନେ ।

ନବରଙ୍ଗପୁର ଭାରପ୍ରାପ୍ତ ଉପଜିଲାପାଳ ପ୍ରଶାନ୍ତ ରାଉତଙ୍କ ବାସଭବନ, ସରକାରୀ ବାସଭବନ, ପୈତୃକ ଗୃହ ଓ ଭୁବନେଶ୍ୱରସ୍ଥିତ କାନନ ବିହାରରେ ଭିଜିଲାନ୍ସର ୯ଟି ଟିମ୍ ଚଢାଉ କରିଥିଲେ। ରାଉତଙ୍କ ଅମାପ ସମ୍ପତି ଓ ନଗଦ ୩କୋଟିରୁ ଊର୍ଦ୍ଧ୍ୱ ବିଡାବିଡା ପାଞ୍ଚ ଶହ ଟଙ୍କା ବାହାରିଛି। ଏହାପରେ ଭାଜପା ନବରଙ୍ଗପୁରସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରିଛି। ଭାଜପା ଦଳୀୟ ରାଜ୍ୟ ଉପସଭାପତି ତଥା ପୂର୍ବତନ ଏମ୍‌ପି ବଳଭଦ୍ର ମାଝି ପ୍ରଶାସନିକ ଅଧିକାରୀ ଓ ବିଜେଡି ନେତାଙ୍କୁ ଟାର୍ଗେଟ କରିଛନ୍ତି।

ଅନୁନ୍ନତ ଜିଲାରେ ଲୋକଙ୍କ ଆର୍ଥିକସ୍ଥିତି ସ୍ୱଚ୍ଛଳ କରିବା ପରିବର୍ତ୍ତେ ନିରୀହ ଲୋକଙ୍କଠାରୁ ବ୍ୟାପକ ଲାଞ୍ଚ ଓ ଖଣି ଖାଦାନ ଜମିଜମା ପରିବର୍ତ୍ତନ ନାମରେ ଟଙ୍କା ଆଦାୟ କରିଛନ୍ତି। ବଡ଼ ବଡ଼ ଅଧିକାରୀଙ୍କ ଆଶୀର୍ବାଦ ଥିବା କହି ବ୍ୟାପକ ଟଙ୍କା ଆଦାୟ କରୁଥିଲେ। ଉକ୍ତ ଆଦାୟ ଟଙ୍କା ବିଭିନ୍ନସ୍ତରରେ ଭାଗ ବଣ୍ଟା ହେଉଥିଲା। କେଉଁଠି ନା କେଉଁଠି ଟଙ୍କା ନେଣଦେଣରେ ଗଡ଼ବଡ଼ ହୋଇଥିବାରୁ ଭିଜିଲାନ୍ସ ଚଢ଼ାଉ ହୋଇଛି । ଆଗକୁ ୨୦୨୪ରେ ସାଧାରଣ ନିର୍ବାଚନ ଥିବାରୁ ଏବେ ଠାରୁ ପାଣ୍ଠି ଯୋଗାଡ ଚାଲିଥିଲା ବୋଲି ଭାଜପା କହିଛି। ଜିଲାପାଳ ଜଣେ ସହକାରୀ ଉପଜିଲାପାଳଙ୍କୁ ଯୋଗ୍ୟତା ନଥାଉଣୁ ଉପଜିଲାପାଳ ଦାୟିତ୍ୱ ଦେଇ ବିଭିନ୍ନସ୍ତରରେ ମୁଖିଆ ବନେଇ ଦେଇଥିଲେ। ଏତେସବୁ ଅର୍ନୈତିକ କାରାବାର ଜିଲାପାଳ, ବିଧାୟକ, ଏମ୍‌ପିଙ୍କ ଜାଣତରେ ହେଉଥିଲା ବୋଲି ଭାଜପା ଅଭିଯୋଗ କରିଛି। ଉପଜିଲାପାଳଙ୍କ ଏତେ ସବୁ କାରାବାର ଭିତରେ ଅନେକଙ୍କ ହାତ ରହିଛି ବୋଲି କୁହାଯାଇଛି। ଭିଜିଲାନ୍ସ ସେହି ଦିଗକୁ ତଦନ୍ତ ପରିସରଭୁକ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଭାଜପା ଦାବି କରିଛି। ପ୍ରଶାନ୍ତ କୁମାର ରାଉତ ଉପଜିଲାପାଳ ଦାୟିତ୍ୱ ନେବାଠାରୁ ଯେତେ ସବୁ ସମ୍ପତି କରିଛନ୍ତି ତାହାକୁ ବ୍ୟାଜାପ୍ତି, ଯେଉଁ ସବୁ ଜମି କିସମ ପରିବର୍ତ୍ତନ ଅନୁମତି ପ୍ରଦାନ କରାଯାଇଛି ସେଗୁଡିକୁ ରଦ୍ଦ କରିବାକୁ ଭାଜପା ନେତାମାନେ ଦାବି କରିଛନ୍ତି। ରାଉତଙ୍କ ନାମରେ

### ଭାରପ୍ରାପ୍ତ ଉପଜିଲାପାଳଙ୍କ ଭିଜିଲାନ୍ସ ଚଢାଉ ଘଟଣା

ଭିଜିଲାନ୍ସ କେସ ଥିବାବେଳେ ସରକାର ଉପଜିଲାପାଳ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରି ପାଣ୍ଠି ସଂଗ୍ରହ କରୁଥିଲା। ବର୍ତ୍ତମାନ ଯାହାକୁ ଉପଜିଲାପାଳ କରି ନବରଙ୍ଗପୁରକୁ ଅଣାଯାଉଛି ତାଙ୍କ ବିରୋଧରେ ମଧ୍ୟ ଭିଜିଲାନ୍ସ କେସ୍ ରହିଥିବା ଭାଜପା ନେତାମାନେ କହିଛନ୍ତି। ଭିଜିଲାନ୍ସ ମାମଲା ଥିବା ଅଧିକାରୀଙ୍କୁ ଉପଜିଲାପାଳ ଦାୟିତ୍ୱ କାହିଁକି ଦିଆଯାଉଛି ବୋଲି ଭାଜପା ପ୍ରଶ୍ନ କରିଛି। ଖବରଦାତା ସମ୍ମିଳନୀରେ ଜିଲା ଭାଜପା ସଭାପତି ଜଗଦିଶ ବିଷୋୟୀ, ରାଜ୍ୟକାର୍ଯ୍ୟକାରୀଣୀ ସଦସ୍ୟ ଗୌରୀ ମାଝୀ, ନଗର ମଣ୍ଡଳ ସଭାପତି ଶ୍ରୀଧର ପାତ୍ର, କାଉନ୍‌ସିଲର ଶର୍ମିଷ୍ଠା ଦେଓ, ଏ.ସତିଶ, ଅମିତ ପ୍ରଧାନ, ମିଡିଆ ସଂଯୋଜକ ଦେବଦାଶ ମହାକୁଡ, ସୁବ୍ରତ ମିଶ୍ର, ଶୁଭମ ଚୌଧୁରୀ, ପିଣ୍ଟୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜୟପୁର ଉପଜିଲାପାଳଙ୍କ ବଦଳି

ଜୟପୁର, ୨୪।୬(ପବନ ପାଣିଗ୍ରାହୀ)- ଜୟପୁର ଉପଜିଲାପାଳ ବେଦବର ପ୍ରଧାନଙ୍କୁ ମାଲକାନଗିରି ଅତିରିକ୍ତ ଜିଲାପାଳ ଭାବେ ବଦଳି କରାଯାଇଛି। ହିଞ୍ଜିଳିକାଟୁ ତହସିଲଦାର ପ୍ରଭାତ କୁମାର ପରିଡ଼ାଙ୍କୁ ପଦନ୍ନୋତି ଦିଆଯାଇ ଜୟପୁର ଉପଜିଲାପାଳଭାବେ ନିଯୁକ୍ତି ଦିଆଯାଇଛି। ସେହିଭଳି ମାଲାକାନଗିରି ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକଙ୍କୁ ଦେଓଗଡ ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଭାବେ ବଦଳି ହୋଇଥିବା ସୂଚନା ମିଳିଛି।

### ଗଞ୍ଜେଇ ଚାଲାଣ ବେଳେ ଚଢ଼ାଉ, ୩ ଗିରଫ

ଜୟପୁର, ୨୩।୬(ପବନ ପାଣିଗ୍ରାହୀ)- ଗଞ୍ଜେଇ ଚାଲାଣ ବେଳେ ଜୟପୁର ସଦର ପୋଲିସ ଚଢ଼ାଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ରାଯ୍ପୁରର ଜୟନ୍ତ ଯାଦବ (୨୪) ମଧ୍ୟପ୍ରଦେଶର ରାଜେଶ କାଚେର (୪୬) ବୈପାରିଗୁଡା ଝଡିଆଗୁଡାର ରବି ଖିଲ (୨୬)। ସୂଚନ ଅନୁଯାୟୀ, ବୈପାରିଗୁଡାରୁ ଗଞ୍ଜେଇ ଚାଲାଣ ହେଉଥିବା ଜୟପୁର ସଦର ପୋଲିସ ସୂଚନା ପାଇଥିଲା। ସୂଚନା ଅନୁସାରେ ସୁନାନଗର ନିକଟରେ ପୋଲିସ ପକ୍ଷରୁ ବ୍ଲକିଂ କରାଯାଇଥିଲା। ସେହି ସମୟରେ ସୁନାନଗର ଛକଠାରେ ଏକ କାରରେ ଜୟନ୍ତ ଓ ରାଜେଶ ବସିଥିବା ବେଳେ ପୋଲିସ ଯାଞ୍ଚ କରିଥିଲା। କାର ଆଗରେ ବାଇକ୍‌ରେ ରବି ଆସୁଥିଲେ। ଯାଞ୍ଚ କରିବାରୁ ପୋଲିସ ୨୫ ଟି ପ୍ୟାକେଟରେ ଥିବା ୨୨୦ କେଜି ଗଞ୍ଜେଇ ଜବତ କରିଛି । କାର, ବାଇକ, ଗଞ୍ଜେଇ, ୩ଟି ମୋବାଇଲକୁ ଜବତ କରି ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ବୈପାରିଗୁଡାରୁ ଗଞ୍ଜେଇ ନେଇ ରାୟପୁର ଚାଲାଣ କରୁଥିବା ପୋଲିସ ଜାଣିବାକୁ ପାଇଛି ବୋଲି ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି ।

### କାରାଗାର ପରିଦର୍ଶନ କଲେ ଡିଏଲ୍‌ଏସ୍ ସଚିବ



ଜୟପୁର, ୨୪।୬(ପବନ ପାଣିଗ୍ରାହୀ)-ଜିଲା ଆଇନସେବା ପ୍ରାଧୀକରଣ(ଡିଏଲ୍‌ଏସ୍) ସଚିବ ସୁମନ ଜେନା କୋରାପୁଟ ସର୍କଲ ଜେଲ ଏବଂ ଜୟପୁର ଉପକାରାଗାର ଗସ୍ତ କରିଛନ୍ତି । ସେ ଅନ୍ତେବାସୀଙ୍କୁ ଖାଦ୍ୟପେୟ, ସ୍ୱାସ୍ଥ୍ୟସେବା, ପରିଷ୍କାର ପରିଚ୍ଛନ, ବେଶପଷାକ ସମ୍ପର୍କରେ ନପଚାରି ବୁଝିଥିଲେ। ଏଥିସହ ପରିବେଶ ସ୍ୱଚ୍ଛତା ସହିତ ବ୍ଲିଚିଂ ପକାଇ ସଫାସୁତୁରା, ସାନିଟାଇଜ୍, ଖାଇବାପୂର୍ବରୁ ହାତକୁ ସାବୁନରେ ଧୋଇବାକୁ ଅନ୍ତେବାସୀ ପରାମର୍ଶ ଦେଇଥିଲେ। ଜେଲ୍ ଅନ୍ତେବାସୀଙ୍କ ଯେ କୌଣସି ଆଇନଗତ ସମସ୍ୟା ଦେଖାଦେଲେ ଜେଲ୍ ପରିଦର୍ଶନରେ ଆସୁଥିବା ପ୍ୟାନେଲ ଓକିଲ୍ କିମ୍ବା ପାରାଲିଗାଲ କର୍ମୀଙ୍କ ମାଧମରେ ଅବଗତକରି ପାରିବେ କୁହାଯାଇଛି।

# ଆଗାମୀ ଦିନରେ ସରପଞ୍ଚଙ୍କୁ ଅଣଦେଖା କରାଗଲେ ଆନ୍ଦୋଳନ

## ଗଠନ ହେଲା ଜିଲା ସରପଞ୍ଚ ମହାସଂଘ

କୋରାପୁଟ,୨୪।୬ (ଅମିତାଭ ବେହେରା)



ବୈଠକରେ ଯୋଗଦେବାକୁ ଆସିଥିବା ସରପଞ୍ଚମାନେ।

କୋରାପୁଟ ଜିଲାର ସମସ୍ତ ୨୪୦ ପଞ୍ଚାୟତରେ ହେଉଥିବା ବିକାଶମୂଳକ କାର୍ଯ୍ୟରେ ସେମାନଙ୍କୁ ଅଣଦେଖା କରାଯାଉଛି। ଏହା ବିରୋଧରେ ଲଢ଼ିବାକୁ ଶନିବାର ସରପଞ୍ଚମାନେ ଜିଲାସ୍ତରୀୟ ସରପଞ୍ଚ ମହାସଂଘ ଗଠନ କରିଥିବା ଜଣାପଡ଼ିଛି। ଏହି ଉପଲକ୍ଷେ କୋରାପୁଟସ୍ଥିତ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାର ୧୪ ବ୍ଲକର ୨୪୦ ସରପଞ୍ଚ ଯୋଗଦେଇଥିଲେ।

ପଞ୍ଚାୟତରେ ସରପଞ୍ଚମାନଙ୍କୁ ଅଣଦେଖା କରାଯାଉଛି। କୌଣସି ଉନ୍ନତିମୂଳକ କାର୍ଯ୍ୟରେ ସେମାନଙ୍କୁ ପଚରାଯାଉନାହିଁ। ସରପଞ୍ଚଙ୍କ ଅଗୋଚରରେ ପଞ୍ଚାୟତ କାର୍ଯ୍ୟ କରାଯାଉଛି। ଫଳରେ ପଞ୍ଚାୟତକୁ ଆସୁଥିବା ଉନ୍ନତିମୂଳକ କାର୍ଯ୍ୟର ଅର୍ଥ ବାଟମାରଣା ହେଉଛି। ପଞ୍ଚାୟତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜିଲାର ସମସ୍ତ ସରପଞ୍ଚ ମିଳିତଭାବେ ଏହି ବୈଠକ କରିଥିଲେ। ଆଗାମୀ ଦିନରେ ପଞ୍ଚାୟତକୁ ଆସୁଥିବା ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ସରପଞ୍ଚଙ୍କ ଗୋଚରରେ କିପରି କରାଯିବ ସେ ନେଇ ମହାସଂଘ ସ୍ୱର ଉତ୍ତୋଳନ କରିବ ବୋଲି ପୂର୍ବତନ କୋରାପୁଟ ଜିଲା ଆଦିବାସୀ ସଂଘ ସଭାପତି ଦାମୋଦର ଜାନୀ କହିଛନ୍ତି। ଆଗାମୀ ଦିନରେ ସରପଞ୍ଚଙ୍କୁ ଅଣଦେଖା କରାଗଲେ ଜିଲାରେ ବଡ଼ ଧରଣର ଧାରଣା ଦିଆଯିବ ବୋଲି ସଂଘ ଉପଦେଷ୍ଟା ଜାନୀ କହିଛନ୍ତି। କୋରାପୁଟ ଜିଲା ସରପଞ୍ଚ ମହାସଂଘ ରାଜ୍ୟର ପ୍ରଥମ। ଆଗାମୀ ଦିନରେ ରାଜ୍ୟର ସମସ୍ତ ଜିଲାରେ ସରପଞ୍ଚ ମହାସଂଘ ଗଠନ କରାଯିବ ବୋଲି ସେ କହିଛନ୍ତି। ପୂର୍ବତନ କୋରାପୁଟ ଜିଲା ଆଦିବାସୀ ମହାସଂଘ ସାଧାରଣ ସମ୍ପାଦକ ତଥା ବର୍ତ୍ତମାନ ଜିଲା ସରପଞ୍ଚ ମହାସଂଘ ଉପଦେଷ୍ଟା ଶିବ ମୁଦୁଲି ଓ ଜିଲା ଆଦିବାସୀ ସଂଘ ସଭାପତି ମଦନ କିର୍ସାନୀଙ୍କ ତତ୍ତ୍ୱାବଧାନରେ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଛି। ଲବ ମୁଦୁଲି ସଭାପତି, କୁମୁଟି ଜାନି କାର୍ଯ୍ୟକାରୀ ସଭାପତି, ପ୍ରିୟଙ୍କା ଜାନି, ମାନଧର ଗାଦବା, ଭାସ୍କର ୱାଡେକା, ସାଇବନୀ ଜେନା, ଆଲମେ ଫୁଲା, ଶୁଖରାମ ଭତ୍ରା ଉପସଭାପତି, ବଳଭଦ୍ର ଗାଦବା ସାଧାରଣ ସମ୍ପାଦକ, ଲକ୍ଷ୍ମୀ ମହିପୁଡିଆ କୋଷାଧ୍ୟକ୍ଷ ଓ ଯୁଗ୍ମ ସମ୍ପାଦକ ଭାବେ ପିଲିବା ସିକିା ମନୋନୀତ ହୋଇଛନ୍ତି। ଏହି ଅବସରରେ ନୂତନ କର୍ମକର୍ତ୍ତାଙ୍କୁ ସଂଘ ଉପଦେଷ୍ଟା ଶିବ ମୁଦୁଲି ଶପଥପାଠ କରାଇଥିଲେ।



ନବରଙ୍ଗପୁର ଜିଲା ଉମରକୋଟରେ ହେରା ପଞ୍ଚମୀ ନୀତି ପାଇଁ ମହାଲକ୍ଷ୍ମୀଙ୍କୁ ଶୋଭାଯାତ୍ରାରେ ଗୁଣ୍ଡିଚା ଘର ଅଭିମୁଖେ ନିଆଯାଉଛି ।

# ୭ଦିନରେ ପଦକ୍ଷେପ ନେବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

## ତେନ୍ତୁଳିଖୁଣ୍ଟି ବ୍ଲକର ୬ ପଞ୍ଚାୟତରେ ଚାଉଳ ବଣ୍ଟନ ଅବ୍ୟବସ୍ଥା ଘଟଣା

ତେନ୍ତୁଳିଖୁଣ୍ଟି, ୨୪।୬(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ତେନ୍ତୁଳିଖୁଣ୍ଟି ବିଡ଼ିଓ ମନୋଜ ପାଣିଗ୍ରାହୀଙ୍କୁ ବ୍ଲକର ୬ ପଞ୍ଚାୟତରେ ସାଧାରଣ ବଣ୍ଟନ ବ୍ୟବସ୍ଥା ହିତାଧିକାରୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାକୁ ପତ୍ର ସଂଖ୍ୟା ୫୪୨/୨୩ରେ ନିର୍ଦ୍ଦେଶ ଦେଇଛନ୍ତି। ବିପ୍ରଣୀ ନିରୀକ୍ଷକ ବଣ୍ଟନ ବ୍ୟବସ୍ଥାକୁ ସଠିକ ଅନୁଧ୍ୟାନ କରୁନାହାନ୍ତି। ଅଭିଯୋଗ ଆସିଥିବା ୬ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଯୋଗାଣ ସହାୟକଙ୍କ ଦରମା ବନ୍ଦ ସହ ୭ଦିନରେ ହିତାଧିକାରୀଙ୍କୁ ଏପ୍ରିଲ, ମେ ଓ ଜୁନ ର ଚାଉଳ ଦେବାକୁ ବିଡିଓଙ୍କୁ ନିର୍ଦ୍ଦେଶ ରହିଛି। ବଣ୍ଟନ ପ୍ରକ୍ରିୟାରେ ସ୍ୱଚ୍ଛତା ପାଇଁ ପଞ୍ଚାୟତ ସଭ୍ୟାସଭଙ୍କ ଉପସ୍ଥିତିରେ ଚାଉଳ ଦେବାକୁ ନିର୍ଦ୍ଦେଶ ହୋଇଛି।

ପ୍ରକାଶ ଯେ, କିଛି ବର୍ଷ ହେବ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ତିନି ମାସର ଚାଉଳ ଏକାଥରେ ଦିଆଯାଇଛି। କିନ୍ତୁ ପୂଜାରିଗୁଡ଼ା, କଂଗ୍ରା, କଣ୍ଟାଗାଁ, ଦିଗି ଅଞ୍ଚଳଗୁମ୍ମା ପଞ୍ଚାୟତରେ ହିତାଧିକାରୀଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ୩ମାସ ପରିବର୍ତ୍ତେ ଦୁଇ ମାସର ଚାଉଳ ଦିଆଯାଇଥିଲା। ବିପ୍ରଣୀ ନିରୀକ୍ଷକ ନିଜ ଉପରିସ୍ଥ ଅଧିକାରୀଙ୍କୁ ସମସ୍ତ ଚାଉଳ ଦିଆଯାଇଛି। ସବୁ ହିତାଧିକାରୀ ସେମାନଙ୍କ ପ୍ରାପ୍ୟ ପାଇ ସାରିଛନ୍ତି ଓ ପଞ୍ଚାୟତ ରେ କିଛି ଷ୍ଟକ ନାହିଁ ବୋଲି ଉପରିସ୍ଥ ଅଧିକାରୀଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ।

# ୨୦୨୪ ନିର୍ବାଚନ ନେଇ ପ୍ରସ୍ତୁତ ହେବାକୁ କର୍ମୀଙ୍କୁ ଆହ୍ୱାନ



ବୈଠକରେ ଉପସ୍ଥତି ଅତିଥି ଓ ବିଜେଡି କର୍ମୀମାନେ।

## ନନ୍ଦପୁର ବ୍ଲକ ବିଜେଡିର ସାଙ୍ଗଠନିକ ବୈଠକ

ନନ୍ଦପୁର, ୨୪।୬(ଶଙ୍କର ପୂଜାରୀ)

୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି କୋରାପୁଟ ଜିଲା ନନ୍ଦପୁର ବ୍ଲକ ବିଜେଡି ସାଙ୍ଗଠନିକ ବୈଠକ ଭେଜା ପଞ୍ଚାୟତସ୍ଥିତ ପଥପ୍ରାନ୍ତ ସେବା କେନ୍ଦ୍ରରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି କାଶୀନାଥ ଗୋଲରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ, ଜିଲା ବିଜେଡିର କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ଏସ୍‌ଡିସି ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ପର୍ଯ୍ୟବେକ୍ଷକ ବାଲା ରାୟ ପ୍ରମୁଖ ଯୋଗଦେଇଥିଲେ। ୨୦୨୪ ନିର୍ବାଚନ ପାଇଁ ପ୍ରସ୍ତୁତ ହେବାକୁ ଅତିଥିମାନେ କର୍ମୀଙ୍କୁ ଆହ୍ୱାନ କରିଛନ୍ତି।

ଆଗାମୀ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ପ୍ରଚାର ପ୍ରସାରକରି ସାଙ୍ଗଠନିକ ସ୍ଥିତି ସୁଦୃଢ଼ କରିବାକୁ ବୈଠକରେ ଉପସ୍ଥିତ ୨୩ ପଞ୍ଚାୟତ ସଭାପତି, କର୍ମୀ ଓ ଦଳୀୟ ପଦାଧିକାରୀଙ୍କୁ କୁହାଯାଇଛି। ପୂର୍ବରୁ ଗ୍ରାମାଞ୍ଚଳର ଥିବା ସମସ୍ୟାଗୁଡ଼ିକୁ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଅତିଶୀଘ୍ର ସେସବୁର ସମାଧାନ କରାଯିବ ବୋଲି ବୈଠକରେ କୁହାଯାଇଛି। ଆଗାମୀ ଦିନରେ ଏଭଳି ସାଙ୍ଗଠନିକ ବୈଠକ ପଞ୍ଚାୟତସ୍ତରରେ କରାଯିବ ବୋଲି ସୂଚନା ମିଳିଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୋପାଳକୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗୀ, ରାମେଶ୍ୱର ଦୋରା, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ଉପାଧ୍ୟକ୍ଷ ଗୋପାଳ ହନ୍ତାଳ, ସୀମା ବେହେରା, ନାର୍ସୁଲ କାମୁଡି, ପ୍ରଭାତ ଗୁରୁମାଇଁ, ମୁନା ଦଳପତି, କାର୍ତ୍ତିକ ଖେମୁଣ୍ଡୁ ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## ପାଗଳ କୁକୁର କାମୁଡ଼ାରେ ୧୨ ଜଣ ଆହତ

ଚନ୍ଦାହାଣ୍ଡି, ୨୪।୬(ଦିଲ୍ଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକର ବିଭିନ୍ନ ଗ୍ରାମରେ ପାଗଳ କୁକୁର କାମୁଡ଼ାରେ ୧୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଚିଲଗାଁର ବେଲମତି ଗଇନ୍ତା(୭),ଅଣ୍ଟିପଡ଼ା ଗ୍ରାମର ସତ୍ୟରଞ୍ଜନ ରାଉତ(୧୨), ନିହାର ମାଝୀ(୭), ଦଣ୍ଡାମୁଣ୍ଡା ଗ୍ରାମର ହୀରାଧର ମାଝୀ(୮) , ସୁମିତ୍ରା ଦେଇ(୪୫), ଧୋଡ଼ିପାଣି ଗ୍ରାମର ଯମୁନା ଗୌଡ଼(୪୦), ଉଦିତ ଗୌଡ଼(୭), ଅର୍ଚ୍ଚିତା ବିଶି(୪)। ସେହଭଳି ବନାମହୁଲ ଗ୍ରାମର ଶିବାନୀ ଜାଲ(୪),ଡୋଲେଶ୍ୱର ଗହିର(୫) ଏବଂ ଦଳବେଡା ଦୁଲକିପଡା ଗ୍ରାମର ୨ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ଶିଶୁ। କୁକୁର କାମୁଡ଼ିବା ପରେ ମାତ୍ର ୪ଜଣ ଚନ୍ଦାହାଣ୍ଡି ଡାକ୍ତରଖାନରେ ଚିକିତ୍ସିତ ହୋଇଥିବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। କୁକୁର କାମୁଡିବା ପରେ ଅଞ୍ଚଳରେ ଭୟର ବାତାବରଣ ଅଛି। ପ୍ରଶାସନ ପାଗଳ କୁକୁରକୁ କାବୁକରିବାକୁ ଲୋକେ ଅନୁରୋଧ କରିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

## ମହିଳା ଲୋକ ବିକାଶ ମଞ୍ଚ, ମହିଳା ଶ୍ରମଜୀବୀ ମଞ୍ଚ

କୋରାପୁଟ,୨୪।୬(ଅମିତାଭ ବେହେରା)



ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କୋରାପୁଟ ଜିଲାସ୍ତରୀୟ ମହିଳା ଲୋକ ବିକାଶ ମଞ୍ଚ ଓ ମହିଳା ଶ୍ରମଜୀବୀ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ଶନିବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ନିକଟରେ କରାଯାଇଥିବା ସର୍ଭେ ଅନୁଯାୟୀ, ଜଳବାୟୁ ପରିବର୍ତ୍ତନ ସହିତ ବର୍ଦ୍ଧିତ ଗ୍ରୀଷ୍ମ ପ୍ରବାହ ଯୋଗୁ ଆଦିବାସୀ, ଦଳିତ ଏବଂ ଅନ୍ୟାନ୍ୟ ପଛୁଆ ବର୍ଗ ଲୋକମାନେ ପାନୀୟ ଜଳ ଓ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବା ପାଇଁ ସମସ୍ତ ପରିବାରକୁ ବିଶୁଦ୍ଧ ଜଳ ଯୋଗାଇବା, ଯୋଗ୍ୟ ପରିବାରକୁ ଘର ଡିହ ପଟ୍ଟା ପ୍ରଦାନ, ସମସ୍ତ ହିତାଧିକାରୀଙ୍କୁ ପକ୍କା ଘର, ଯେଉଁ ପରିବାର ବିଦ୍ୟୁତ୍ ସଂଯୋଗରୁ ବାଦ ପଡିଛନ୍ତି, ସେମାନଙ୍କୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ, ସମସ୍ତ ବୟସ୍କ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ, ଭତ୍ତା ଟଙ୍କା ଘରେ ଘରେ ଦିଆଯିବା, ସମସ୍ତ ଯୋଗ୍ୟ ପରିବାରଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ସମସ୍ତ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ସହିତ ଭିତ୍ତିଭୂମି ସଜାଡିବା, ସମସ୍ତ ଚାଷୀଙ୍କୁ ମାଗଣାରେ ବିହନ ଯୋଗାଇବା ଓ ବାଦ ପଡିଥିବା ପରିବାରକୁ ରାଶନ କାର୍ଡ ପ୍ରଦାନ ଆଦି ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ଲୋକ ବିକାଶ ମଞ୍ଚର ବହୁ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ଥିଲେ ।

# ଛାତ୍ରୀ ପୋଲିସ କ୍ୟାଡେଟ୍ ଉଦ୍‌ଘାଟିତ

ଗୁଣପୁର,୨୪।୬ (ପ୍ରଦୀପ କୁମାର ପାଢ଼ୀ)



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାୟଗଡ଼ା ଜିଲା ଗୁଣପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟଠାରେ ଶନିବାର ଛାତ୍ରୀ ପୋଲିସ କ୍ୟାଡେଟ୍ ଉଦ୍‌ଘାଟିତ ହୋଇଯାଇଛି। ପୋଲିସ ଏସ୍‌ଆଇ ଲଳିତ ମୋହନ ଦାସ ଏବଂ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶୃଙ୍ଖଳା ଦିଗରେ ପୋଲିସ ବିଭାଗକୁ ସହାୟତା ଦେବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସାହୁ କହିଥିଲେ। ଏହା ପରେ ଛାତ୍ରୀ ପୋଲିସ କ୍ୟାଡେଟମାନେ ଗୁଣପୁର ବଡ଼ଦାଣ୍ଡ ସଫା କରିଥିଲେ। ଛାତ୍ରୀ ପୋଲିସ କ୍ୟାଡେଟ୍‌ର ସଂଯୋଜକ ବିକ୍ରମ ପାତ୍ର ସେମାନଙ୍କ ବିଭିନ୍ନ ଦାୟିତ୍ୱ ଏବଂ କର୍ତ୍ତବ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟ ଶିକ୍ଷୟିତ୍ରୀ ଓ ଶିକ୍ଷକ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ପଶ୍ଚିମବଙ୍ଗ ରାଜ୍ୟପାଳଙ୍କ ଦ୍ୱାରା ଆମ୍ବାବାଡ଼ି ଆଦିବାସୀ ଝିଅ ପୁରସ୍କୃତ

ଗୁଣପୁର,୨୪।୬(ପ୍ରଦୀପ କୁମାର ପାଢ଼ୀ)



ବିରାଜିନୀଙ୍କୁ ପଶ୍ଚିମବଙ୍ଗ ରାଜ୍ୟପାଳ ସମ୍ମାନିତ କରୁଛନ୍ତି।

ଗୁଣପୁର ବ୍ଲକ ଘନାନ୍ତ୍ରି ପଞ୍ଚାୟତ ଆମ୍ବାବାଡି ତଥା ଗୁଣପୁରର ଅମୂଲ୍ୟ ଭାରତ ସଙ୍ଗୀତ କଳା ପରିଷଦ ମହାବିଦ୍ୟାଳୟର ୩ୟ ବର୍ଷର ଆଦିବାସୀ ଛାତ୍ରୀ ବିରାଜିନୀ ଶବର କୋଲକାତାରେ ସଙ୍ଗୀତ ପରିବେଷଣ କରି ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

ଶୁକ୍ରବାର ସନ୍ଧ୍ୟାରେ କୋଲକାତାର ଆଇପିଏଏଫ୍ (ଇଣ୍ଟରନ୍ୟାଶନାଲ ପରଫର୍ମିଂ ଆର୍ଟସ ଫେଷ୍ଟିଭାଲ) ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ ସ୍ତରୀୟ ସଙ୍ଗୀତ ଓ ନୃତ୍ୟକଳା କାର୍ଯ୍ୟକ୍ରମରେ ଓଡ଼ିଶାର ଏକମାତ୍ର ଆଦିବାସୀ ଝିଅ ବିରାଜିନୀ ଭାଗ ନେଇଥିଲେ। କୋଲକାତାର ଇଣ୍ଡିଆନ ମ୍ୟୁଜିୟମ ମଞ୍ଚରେ ବିରାଜିନୀ ଗଣେଶ ବନ୍ଦନା ଗାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଶ୍ଚିମବଙ୍ଗର ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ, ପଦ୍ମଶ୍ରୀ ବାଉଲ ସମ୍ରାଟ ସଞ୍ଜୟ ଝୁନ୍‌ଝୁନ୍‌ୱାଲା, ଆଇଏଏଫ୍ ସିଇଓ ଶ୍ୟାମ ପାଣ୍ଡେ ଉପସ୍ଥିତ ଥିଲେ। ବିରାଜିନୀ ବଙ୍ଗଳା ଏବଂ ହିନ୍ଦୀ ଭାଷାରେ ସୁମଧୁର ସଙ୍ଗୀତ ପରିବେଷଣ କରିଥିବାରୁ ଅତିଥିମାନେ ତାଙ୍କୁ ସମ୍ମାନିତ କରିଥିଲେ। ଅମୂଲ୍ୟ ଭାରତ କଳା ପରିଷଦର ମୁଖ୍ୟ ପଞ୍ଚାନନ ଚୌଧୁରୀ ଏବଂ ତାଙ୍କ ସ୍ତ୍ରୀ ଅନିତା ସାହୁଙ୍କ ଉଦ୍ୟମ ତଥା ପ୍ରେରଣାକ୍ରମେ ସେ ରାଜ୍ୟଠାରୁ ଆରମ୍ଭକରି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଭାଗନେବାରେ ସଫଳ ହୋଇଥିବା କହିଛନ୍ତି।

# ୮ ହଜାର ହେକ୍ଟର ଜମିରେ ମାଣ୍ଡିଆ ଚାଷ ଲକ୍ଷ୍ୟ

ଦଶମନ୍ତପୁର, ୨୪।୬(ଅରବିନ୍ଦ ନାୟକ)



- ଆରମ୍ଭ ହେଲା ମୌସୁମୀ ବର୍ଷା, ବିହନ ବୁଣିବାକୁ ଚାଷୀ ତତ୍ପର
- ୧୭ ହଜାର ହେକ୍ଟର ଜମିରେ ବିଭିନ୍ନ ଚାଷ କରାଯିବ

ଚାଷୀ କ୍ଷେତ ପ୍ରସ୍ତୁତକରି ଅପେକ୍ଷା କରିରହିଥିଲା ବର୍ଷାକୁ। ବିଳମ୍ବରେ ହେଲେ ବି ମୌସୁମୀ ବାୟୁ ପ୍ରଭାବରେ ବର୍ଷା ହେଲାଣି। ଏହାପରେ ଚାଷୀ ଏବେ ବିହନ ବୁଣିବା ଲାଗି ତତ୍ପର।

ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲାର ଦଶମନ୍ତପୁର ବ୍ଲକ। ବ୍ଲକର ୧୬ ପଞ୍ଚାୟତରେ ୯୦ ହଜାରରୁ ଅଧିକ ଲୋକ ବସବାସ କରନ୍ତି। ସେମାନଙ୍କ ମଧ୍ୟରୁ ୯୦ ପ୍ରତିଶତ ଲୋକ ଚାଷ ଉପରେ ନିର୍ଭରଶୀଳ। ବ୍ଲକର ସବୁ ଅଞ୍ଚଳ ବଣ ପାହାଡ଼ ଘେରା। ଏଠାରେ ସମତଳ ଭୂମି ଅପେକ୍ଷା ପାହାଡ଼ ଜମି ଅଧିକ। ତେଣୁ ଏଠାକାର ଲୋକେ ପୋଡୁଚାଷ ଉପରେ ନିର୍ଭର କରିଥାନ୍ତି। ସେଥିପାଇଁ ମୌସୁମୀ ବର୍ଷାର ଆବଶ୍ୟକତା ରହିଛି। ଚାଷୀ ଜମି ପ୍ରସ୍ତୁତକରି ଦୀର୍ଘଦିନଠାରୁ ବର୍ଷା ଅପେକ୍ଷାରେ ରହିଥିଲେ। ଶୁକ୍ରବାର ରାତିରୁ ଝିପିଝିପି ବର୍ଷା ହେବାରୁ ଚାଷୀମାନେ ଖୁସିବ୍ୟକ୍ତ କରିଛନ୍ତି। କିଛିଦିନ ତଳେ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଚାଷୀମାନେ ଜମି ପ୍ରସ୍ତୁତିକରି ମୌସୁମୀ ଅପେକ୍ଷାରେ ଥିଲେ। ଗତବର୍ଷ ଅପେକ୍ଷା ଚଳିତ ବର୍ଷ ବର୍ଷା ବିଳମ୍ବ ହେବାରୁ ଚିନ୍ତାରେ ଥିଲୁ। ଶୁକ୍ରବାର ରାତିରୁ ବର୍ଷା ଆରମ୍ଭହେବାରୁ ଆଶ୍ୱସ୍ତି ମିଳିଛି ବୋଲି ଚାଷୀ ସମ୍ବାରୁ ମୁଦୁଲି, ଲେଲି ଜାନୀ, ବିଶୁ ମୁଦୁଲି, ଭକ୍ତ ନାୟକ, ହେଡୁ ସାଉନ୍ତା ପ୍ରମୁଖ କହିଛନ୍ତି। ଏହି ବର୍ଷା ପରେ ଏବେ ଡଙ୍ଗର ଧାନରୁ ଆରମ୍ଭ କରି ସୁଆ, ମାଣ୍ଡିଆ, କାଙ୍ଗୁ, ବିରି, କାନ୍ଦୁଲ ଭଳି ବିଭିନ୍ନ ପ୍ରକାର ଫସଲ ବୁଣିବୁ ବୋଲି ଗିର୍ଲିଗୁମା, ଚିଟିକା ସିଲ୍, ବେନ୍ଦଲା, ଆମ୍ବପଦର, ତରଲାଘାଟ ଗ୍ରାମର ଚାଷୀମାନେ କହିଛନ୍ତି। ଚଳିତ ବର୍ଷ ଧାନ ଅପେକ୍ଷା ଅଧିକ ମାଣ୍ଡିଆ ଚାଷ ପାଇଁ ପ୍ରସ୍ତୁତି ଚାଲିଛି। ଏହାର ଦାୟିତ୍ୱ ଧାନ ଫାଉଣ୍ଡେଶନ ସଂସ୍ଥାକୁ ଦିଆଯାଇଛି। ୮ ହଜାର ହେକ୍ଟର ଜମିରେ ଧାଡ଼ିରୁଆ ମାଣ୍ଡିଆ ଚାଷ। ଏହାସହ ୩ ହଜାର ହେକ୍ଟର ଧାନଚାଷ ପାଇଁ ପ୍ରସ୍ତୁତି ଚାଲିଛି। ବ୍ଲକରେ ୧୭ ହଜାର ହେକ୍ଟର ଜମିରେ ବିଭିନ୍ନ ଚାଷର ଯୋଜନା ରହିଛି ବୋଲି କୃଷି ଅଧିକାରୀ ମହେଶ କୁମାର ପାଢ଼ୀ କହିଛନ୍ତି।






କୋରାପୁଟ ଶାବର ଶ୍ରୀକ୍ଷେତ୍ର, ଜୟପୁର, ନବରଙ୍ଗପୁର ଜିଲା ଖାତିଗୁଡା ଗୋପାଳ ଶ୍ରୀକ୍ଷେତ୍ର ଓ ମାଲକାନଗିରି ଜିଲା ବାଲିମେଳାରେ ଶ୍ରୀଜୀଉଙ୍କ ନୃସିଂହ ଅବତାର ବେଶ ।

